ସକାଳ THE SAKALA
# ସିନ୍ଦୂରା
ରବିବାର
ସେପ୍ଟେମ୍ବର ୨୭ - ଅକ୍ଟୋବର ୦୩ , ୨୦୨୬
www.sakalaepaper.com



ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ଏବେ ସାରା ବିଶ୍ୱରେ ଚର୍ଚ୍ଚା ଲାଗି ରହିଛି । ମଣିଷ କରୁଥିବା କାର୍ଯ୍ୟକୁ ଏଆଇ ସହଜରେ କରିପାରୁଛି । ମଣିଷ ଭଳି ଭଲ ଓ ମନ୍ଦକୁ ପରଖିବା, ଚିହ୍ନିବା, ଦେଖିବା, ଯେ କୌଣସି ବିଷୟରେ ନିଷ୍ପତ୍ତି ନେବାର ଦକ୍ଷତା ରହିଛି । ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଶିଳ୍ପ ଆଦି ସବୁ କ୍ଷେତ୍ରରେ ଅସମ୍ଭବ କାର୍ଯ୍ୟକୁ ମଧ୍ୟ ଏହା ସମ୍ଭବ କରିପାରୁଛି । ତେବେ ଭବିଷ୍ୟତରେ ଏହା ଯେ ସଙ୍କଟ ଆଣିବ, ତାହାକୁ ନେଇ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି । ଅନେକ ଏହାର ଉପଯୋଗ ବନ୍ଦ କରିବାକୁ ଦାବି କରୁଛନ୍ତି । ଆଉ କେତେକ ଏହାର ଆବଶ୍ୟକତା ସଂପର୍କରେ ଯୁକ୍ତି ବାଢୁଛନ୍ତି । ଆର୍ଥିକ, ନିଯୁକ୍ତି ଆଦି ବିଭିନ୍ନ କ୍ଷେତ୍ରରେ ଏହାର କୁପ୍ରଭାବ ପଡ଼ିବ ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି । ଏଆଇର ଅତ୍ୟଧିକ ବ୍ୟବହାର ମଣିଷ ଧ୍ୱଂସର କାରଣ ପାଲଟିବ ବୋଲି କୁହାଯାଉଛି । ଏହି ପରିପ୍ରେକ୍ଷୀରେ ମାନବ ସମାଜ ପାଇଁ ଏଆଇ କେତେ ଚ୍ୟାଲେଞ୍ଜ ହେବ ତାକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା ।

ପ୍ରସ୍ତୁତି 'ସକାଳ' ବ୍ୟୁରୋ

# ମଣିଷ ପାଇଁ ବିପଦ
# କୃତ୍ରିମ ବୁଦ୍ଧିମତ୍ତା!

**ଦିନକୁ ଦିନ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା ଅଧିକ ବିକଶିତ ହେବାରେ ଲାଗିଛି । ଶିକ୍ଷା, ସ୍ୱାସ୍ଥ୍ୟ, କୃଷିକାର୍ଯ୍ୟ, ସୃଜନଶୀଳତା, ଅଫିସ୍ କାର୍ଯ୍ୟ, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ସହାୟତାରେ ସବୁ କାମକୁ ମଣିଷ ଅତି ସହଜ ଓ ସରଳରେ କରିପାରୁଛି । ତେବେ ସୁପର୍ ଏଆଇ ଏବେ ମଣିଷ ସମାଜ ପାଇଁ ବିପଦଜନକ ହେବ ବୋଲି ବିଶେଷଜ୍ଞମାନେ କହୁଛନ୍ତି । ଏପରିକି ଏଆଇ ନିୟନ୍ତ୍ରଣ ବାହାରକୁ ଚାଲି ଯିବା ଅଧିକ ଚିନ୍ତାର କାରଣ ପାଲଟିଛି । ତେବେ କ'ଣ ପାଇଁ ସୁପର୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଗାମୀ ଦିନରେ ମାନବ ସମାଜ ପାଇଁ କ୍ଷତିକାରକ ହୋଇପାରେ ତାକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।**

ସରଳ ଭାଷାରେ କହିଲେ କୃତ୍ରିମ ବୁଦ୍ଧିମତ୍ତା ହେଉଛି ଏକ ପ୍ରକାର କମ୍ପ୍ୟୁଟର ପ୍ରୋଗ୍ରାମ । ଜଟିଳ କାର୍ଯ୍ୟକୁ ମଧ୍ୟ ଏହା ସହଜରେ କରିପାରୁଛି । ଏହାର କ୍ଷମତାକୁ ମେସିନ୍ ଲର୍ଣ୍ଣିଂ ବୋଲି କୁହାଯାଏ । ଏଆଇର ପ୍ରୋଗ୍ରାମ ମଣିଷ ଭଳି ଶିଖି ନଥାଏ । ମୂଳ ରୂପରେ ପ୍ରଶିକ୍ଷିତ ଡାଟା ଆଧାରରେ ଏହାର ଆଉଟପୁଟ୍ ବାହାରି ଥାଏ । ମାନବ ଭଳି କାର୍ଯ୍ୟ ସଂପାଦନା କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତାକୁ ଡିଜାଇନ୍ କରାଯାଇଛି । ତେବେ ବିଗତ କିଛି ବର୍ଷ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା ତୀବ୍ର ଭାବରେ ଶକ୍ତିଶାଳୀ ଓ ସର୍ବବ୍ୟାପୀ ହେବାରେ ଲାଗିଛି । କୃତ୍ରିମ ବୁଦ୍ଧିମତ୍ତାର ଅନିୟନ୍ତ୍ରିତ ବିକାଶ ଓ ଉପଯୋଗ ମାନବ ସମାଜର ଅସ୍ତିତ୍ୱ, ସୁରକ୍ଷା ଓ ରୋଜଗାରକୁ ନେଇ ଗୁରୁତର ବିପଦ ସୃଷ୍ଟି କରିପାରେ! ଆନ୍ଥ୍ରୋପିକ୍ ଗବେଷକ ଇଭାନ୍ ହୁବିଙ୍ଗର ଚେତାବନୀ ଦେଇଛନ୍ତି ଯେ, ଆସନ୍ତା ଦଶନ୍ଧିରେ ଉନ୍ନତ ଏଆଇ କାରଣରୁ ମାନବ ଧ୍ୱଂସ ହେବାର ସମ୍ଭାବନା ୧୦ ପ୍ରତିଶତରୁ ଅଧିକ ରହିଛି । ସେହିପରି ସୁପର୍ ବୁଦ୍ଧିମାନ ଏଆଇ ସିଷ୍ଟମ୍ ଉପରେ ନିୟନ୍ତ୍ରଣ ହରାଇବାର ଭୟ ବଢୁଛି । ଏପରିକି ରୋଜଗାର ଓ ଆର୍ଥିକ ପ୍ରଭାବକୁ ଏହା ଗଭୀର ଭାବେ ପ୍ରଭାବିତ କରିବ । ସେପଟେ ନିୟମିତ ଓ ଅଫିସ୍ କାର୍ଯ୍ୟଗୁଡ଼ିକ ଏଆଇ ଯୋଗୁଁ ସବୁଠାରୁ ଅଧିକ ପ୍ରଭାବିତ ହେବ । ସେହିପରି ମିଡିଆ, ସଫ୍ଟୱେର ଏବଂ ଆର୍ଥିକ ଭଳି କ୍ଷେତ୍ରଗୁଡ଼ିକରେ ଚାକିରିରେ ବିରାଟ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି ।



## ଚିନ୍ତାରେ ଏଆଇ ଗଡ୍‌ଫାଦର

ଇଣ୍ଟରନେଟ୍‌ରେ ଭୁଲ ତଥ୍ୟ ପ୍ରସାରଣ ପାଇଁ କୃତ୍ରିମ ବୁଦ୍ଧିମତ୍ତା ପ୍ରଣାଳୀର ଉପଯୋଗ କରାଯାଉଛି । ଯାହା ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି କରିବ । ଏଆଇର ଭବିଷ୍ୟତ ଓ ମଣିଷ ଉପରେ ପଡ଼ିବାକୁ ଥିବା କୁପ୍ରଭାବକୁ ନେଇ ଚେତାବନୀ ଦେଇଛନ୍ତି । ଯଦି ଏଆଇର ବିକାଶ ଏଭଳି ଦ୍ରୁତଗତିରେ ହୋଇଚାଲେ, ତେବେ ଆଗାମୀ ଦିନରେ ମଣିଷ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିବ । ଏଆଇର ଗଡ଼ଫାଦର ଜେଫ୍ରି ହିଣ୍ଟନ ମଧ୍ୟ ଏଆଇର ବିକାଶ ଦେଖି ଚିନ୍ତା ପ୍ରକଟ କରିଛନ୍ତି ।



## ନିଯୁକ୍ତି କ୍ଷେତ୍ର ପ୍ରଭାବିତ

କୃତ୍ରିମ ବୁଦ୍ଧିମତ୍ତା ଯୋଗୁଁ ସାରା ବିଶ୍ୱରେ ୩୦ କୋଟି ଚାକିରି ବିପଦରେ ରହିବ ବୋଲି କୁହାଯାଉଛି । ବିଭିନ୍ନ ସମୟରେ ଏହାକୁ ନେଇ ଭିନ୍ନ ଭିନ୍ନ ରିପୋର୍ଟ ମଧ୍ୟ ପ୍ରକାଶ ପାଉଛି । ତେବେ ପ୍ରାୟ ୪୬ ପ୍ରତିଶତ ପ୍ରଶାସନିକ କାମ ଏଆଇ କରିପାରିବ । ସେହିପରି ଏହା ଆଇନ ସମ୍ବନ୍ଧୀୟ କାର୍ଯ୍ୟ ୪୪ ପ୍ରତିଶତ କରିବାକୁ ସକ୍ଷମ ଥିବା ବେଳେ କନ୍‌ଷ୍ଟ୍ରକସନ୍ ସହ ଜଡ଼ିତ କାମ ୬ ପ୍ରତିଶତ କରିବ । ଅବଶ୍ୟ ଏ କ୍ଷେତ୍ରରେ ଏଆଇ ଶ୍ରମିକଙ୍କ ପାଇଁ ବିପଦ ସୃଷ୍ଟି କରିବ ନାହିଁ ।

## ସାଇବର ସୁରକ୍ଷା ଚିନ୍ତା

ଡିପ୍‌ଫେକ୍ ଟେକ୍ନୋଲୋଜି ମାଧ୍ୟମରେ ମିଥ୍ୟା ଖବର, ଭିଡିଓ ପ୍ରସାରଣ ଯୋଗୁଁ ସାଇବର ଅପରାଧ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ସୋସିଆଲ୍ ମିଡିଆରେ ମିଥ୍ୟା ଖବର ପ୍ରସାରଣ ଯୋଗୁଁ ରାଜନୈତିକ ଓ ସାମାଜିକ ଅସ୍ଥିରତା ବୃଦ୍ଧି ପାଇବ । ଏହାକୁ ଉପଯୋଗ କରି ସାଇବର୍ ଆକ୍ରମଣ ମଧ୍ୟ କରାଯାଇପାରେ । ଏହି ଟେକ୍ନୋଲୋଜିର ଦୁରୁପଯୋଗ ହେବାର ଆଶଙ୍କା ବୃଦ୍ଧି ପାଇବା ଚିନ୍ତାର କାରଣ ପାଲଟିଛି ।



## ଏଆଇ ଅଧିକ ବୁଦ୍ଧିମାନ ହେବା କ୍ଷତିକାରକ

ମଣିଷ ଓ ମେସିନ୍‌ର ସମ୍ପର୍କ ବହୁ ପୁରୁଣା । ମଣିଷ ମେସିନ୍ ତିଆରି କରିଥାଏ । ସେହି ମେସିନ୍ ମଣିଷ କାମରେ ଆସେ । ତେବେ ମଣିଷ ଯେତେବେଳେ ମେସିନକୁ ମଣିଷ ଭଳି ଗଢ଼ି ତୋଳେ ଓ ସ୍ୱୟଂ ମଣିଷ ମେସିନ୍‌ରେ ପରିଣତ ହୋଇଯାଏ, କିଭଳି ସ୍ଥିତି ଉତ୍ପନ୍ନ ହେବ? ଏକଥା ସହଜରେ କଳ୍ପନା କରି ହେଉଛି । ଗୋଟିଏ ପଟେ ଏହାକୁ ମଣିଷ ତିଆରି କରୁଥିବା ବେଳେ ଏହାର ସଂଚାଳନ ମଣିଷ ଦ୍ୱାରା ହେବ ବୋଲି ଭାବିବା ଭୁଲ୍ । ସେପଟେ ମଣିଷକୁ ଏଆଇର ଆବଶ୍ୟକତା ଥିବା ବେଳେ ଏଆଇକୁ କିନ୍ତୁ ବିକଳ୍ପ ଭାବେ କୌଣସି ଲୋକର ଆବଶ୍ୟକତା ନ ଥାଏ, ଯିଏକି ତାକୁ କହିବ, କ'ଣ କରିବା ଦରକାର ଆଉ କ'ଣ କରିବା ଆବଶ୍ୟକ ନୁହେଁ ? ଏଣୁ କୃତ୍ରିମ ବୁଦ୍ଧିମତା ମଣିଷଠୁ ଅଧିକ ବୁଦ୍ଧିମାନ ହେବା କ୍ଷତିକାରକ ହୋଇପାରେ ।

ଏଆଇଠୁ ଆହୁରି ପ୍ରଭାବଶାଳୀ ହେବ ଆର୍ଟିଫିସିଆଲ୍ ଜେନେରାଲ୍ ଇଣ୍ଟେଲିଜେନ୍ସ (ଏଜିଆଇ) । ଏହାର ଲକ୍ଷ୍ୟ ଏମିତି ମେସିନ୍ ତିଆରି କରିବା, ଯାହା ସବୁ କ୍ଷେତ୍ରରେ ମଣିଷଠାରୁ ଉନ୍ନତ ହେବ । ଏଆଇ ଗବେଷକ ମଧ୍ୟ ବିଶ୍ୱାସ କରୁଛନ୍ତି, ଆଉ କିଛି ଦଶକରେ ମଣିଷଠୁ ଏହା ସବୁ କ୍ଷେତ୍ରରେ ଅଧିକ ପ୍ରତିଭାଶାଳୀ ସାବ୍ୟସ୍ତ ହେବ । ଦିନକୁ ଦିନ ଏଆଇ ଶକ୍ତିଶାଳୀ ହେବାରେ ଲାଗିଛି । ଏଆଇ ହେଉଛି ଏମିତି ଏକ ଟେକ୍ନୋଲୋଜି, ଯାହା ମଣିଷର ଭବିଷ୍ୟତକୁ ତା' ଅଧୀନକୁ ନେବାରେ ଲାଗିଛି । ଏଣୁ ଏହାର ପରିଣାମ କ'ଣ ହେବ, ତାହା କଳ୍ପନାଠୁ ବାହାରେ । କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାରରେ ନିୟନ୍ତ୍ରଣ କରାନଗଲେ ଆଗାମୀ ଦିନରେ ଏହା ମଣିଷ ପାଇଁ ଅନେକ ଚ୍ୟାଲେଞ୍ଜ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ■

# ଏଆଇ ମାନବଜାତି ପାଇଁ ଚେତାବନୀ



ଇଂ. ଅମର ବେହେରା

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତାର ଦ୍ରୁତ ବିକାଶ ଆଜି ସମଗ୍ର ବିଶ୍ୱକୁ ଏକ ନୂଆ ମୋଡ଼କୁ ନେଇଯାଇଛି । ସାମ୍ପ୍ରତିକ ସମୟରେ ବିଶ୍ୱର ପ୍ରମୁଖ ଏଆଇ ସଂସ୍ଥା 'ଓପନ୍-ଏଆଇ' ଏବଂ 'ଆନ୍ଥ୍ରୋପିକ୍'ର ୨୭ ବର୍ଷୀୟ ବ୍ରିଟିଶ୍ ଗବେଷକ ଜାକୋବ କକ୍ସନଙ୍କ ଇସ୍ତଫା ଏକ ବଡ଼ ଆଲୋଡ଼ନ ସୃଷ୍ଟି କରିଛି । ସେ ମାନବଜାତିର ସୁରକ୍ଷାକୁ ନେଇ ଗଭୀର ଚିନ୍ତା ପ୍ରକଟ କରି ନିଜ ପଦବିରୁ ବିଦାୟ ନେଇଛନ୍ତି । ତାଙ୍କ ମତରେ, ଏଆଇ କମ୍ପାନୀଗୁଡ଼ିକ ଅଧିକ ଶକ୍ତିଶାଳୀ ସୁପର-ଇଣ୍ଟେଲିଜେନ୍ସ ଗଢ଼ିବା ନିଶାରେ ସମଗ୍ର ମାନବ ସମାଜର ଜୀବନ ସହିତ ଜୁଆ ଖେଳୁଛନ୍ତି । ଜାକୋବ କକ୍ସନ ଆନ୍ଥ୍ରୋପିକ୍ କମ୍ପାନୀରେ 'ପ୍ରି-ଟ୍ରେନିଂ' ଗବେଷକ ଭାବେ କାର୍ଯ୍ୟ କରୁଥିଲେ, ଯାହା ଏଆଇ ମଡେଲ ପ୍ରସ୍ତୁତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ । ସେ ଦେଖିବାକୁ ପାଇଲେ ଯେ, ସୁରକ୍ଷା ବ୍ୟବସ୍ଥାକୁ ଏଡ଼ାଇ ଏଆଇ ମଡେଲଗୁଡ଼ିକ ନିଜେ ନିଜର ସୁଧାର କରିବା ସହ କମ୍ପ୍ୟୁଟର ସିଷ୍ଟମରେ ଅନଧିକୃତ ପ୍ରବେଶ କରୁଛନ୍ତି । ବଜାରରେ ପ୍ରତିଯୋଗିତା ଯୋଗୁଁ କମ୍ପାନୀଗୁଡ଼ିକ ଏହାର ନିୟନ୍ତ୍ରଣ ଓ ସୁରକ୍ଷା ଉପରେ ଧ୍ୟାନ ନଦେଇ କେବଳ ଆଗକୁ ବଢ଼ିବାକୁ ଚେଷ୍ଟା କରୁଛନ୍ତି । ଏହି ବେପରୁଆ ମନୋଭାବ ଯୋଗୁଁ ସେ ନିଜର କୋଟି କୋଟି ଟଙ୍କାର ଅଂଶଧନକୁ ପ୍ରତ୍ୟାଖ୍ୟାନ କରି ଚାକିରିରୁ ଇସ୍ତଫା ଦେଇଛନ୍ତି । ଜାକୋବ ସୋସିଆଲ ମିଡିଆ ଏବଂ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି ଯେ, ଏଆଇ ନିର୍ମାଣ କରୁଥିବା ବୈଜ୍ଞାନିକମାନେ ନିଜେ ଭିତରେ ଭିତରେ ଭୟଭୀତ ଅଛନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ, ଚଳିତ ଦଶନ୍ଧି ଶେଷ ସୁଦ୍ଧା ଏଆଇ ସମଗ୍ର ମାନବଜାତିକୁ ଧ୍ୱଂସ କରିଦେଇପାରେ ।

ଜାକବ୍‌ଙ୍କ ଇସ୍ତଫା ପରେ, ଆନ୍ଥ୍ରୋପିକ୍ କମ୍ପାନୀର ମୁଖ୍ୟ ଡାରିଓ ଆମୋଡେଇ ଏଆଇ ମଡେଲଗୁଡ଼ିକର ବିକାଶ ଗତିକୁ ଧିମା କରିବା ପାଇଁ ସମଗ୍ର ଆଇଟି ଶିଳ୍ପକୁ ଆହ୍ୱାନ ଦେଇ ଏକ ପ୍ରବନ୍ଧ ପ୍ରକାଶ କରିଥିଲେ । ଏଲନ୍ ମସ୍କ ଏହି ପ୍ରସ୍ତାବ ସହ ସହମତି ପ୍ରକାଶ କରି ସାର୍ବଜନୀନ ଭାବେ 'ଡାରିଓ ସଠିକ୍ କହୁଛନ୍ତି' ବୋଲି କହିଥିଲେ ଏବଂ ଏଆଇର ବିକାଶ ଗତିକୁ ଧିମା କରିବା ସପକ୍ଷରେ ନିଜର ମତ ଦେଇଥିଲେ ।

ବର୍ତ୍ତମାନ ସମଗ୍ର ବିଶ୍ୱର ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଏଆଇ ନିଜ କବଜାକୁ ନେବାରେ ଲାଗିଛି । ଚିକିତ୍ସା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ରୋଗ ନିରୂପଣଠାରୁ ଆରମ୍ଭ କରି ଜଟିଳ ଅସ୍ତ୍ରୋପଚାର ପର୍ଯ୍ୟନ୍ତ ସବୁଠି ଏଆଇ ରୋବୋଟର ବ୍ୟବହାର ବଢୁଛି, କିନ୍ତୁ ଏହାର ଏକ ଛୋଟ ତ୍ରୁଟି ରୋଗୀର ଜୀବନ ନେଇପାରେ । ସେହିପରି ଆର୍ଥିକ ଓ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ବଡ଼ ବଡ଼ କାରବାର ଏବଂ ସେୟାର୍ ମାର୍କେଟ ଏବେ ଏଆଇ ଆଲଗୋରିଦମ ଦ୍ୱାରା ପରିଚାଳିତ ହେଉଛି, ଯେଉଁଠି କୌଣସି ବୈଷୟିକ ତ୍ରୁଟି ଦେଖାଦେଲେ ବିଶ୍ୱ ଅର୍ଥନୀତି ମୁହୂର୍ତ୍ତକ ମଧ୍ୟରେ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି । ସବୁଠାରୁ ବିପଜ୍ଜନକ କଥା ହେଉଛି ପ୍ରତିରକ୍ଷା କ୍ଷେତ୍ର, ଯେଉଁଠି ବିଭିନ୍ନ ଦେଶ ଏବେ ସ୍ୱୟଂଚାଳିତ ଡ୍ରୋନ୍, ମିସାଇଲ୍ ଏବଂ ରୋବୋଟ୍ ସୈନ୍ୟ ପ୍ରସ୍ତୁତ କରୁଛନ୍ତି । ଯଦି ଏହି ମାରାତ୍ମକ ଅସ୍ତ୍ରଶସ୍ତ୍ରର ନିୟନ୍ତ୍ରଣ କୌଣସି ଭୁଲ୍ ଏଆଇ ହାତକୁ ଚାଲିଯାଏ, ତେବେ ବିନା ମାନବ ନିର୍ଦ୍ଦେଶରେ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇପାରେ । ଏହା ବ୍ୟତୀତ ନିଯୁକ୍ତି କ୍ଷେତ୍ରରେ ଏଆଇ ଯୋଗୁଁ ଲକ୍ଷ ଲକ୍ଷ ଲୋକ ଚାକିରି ହରାଉଛନ୍ତି ଏବଂ 'ଡିପ୍‌ଫେକ୍' ମାଧ୍ୟମରେ ମିଥ୍ୟା ତଥ୍ୟ ପ୍ରସାର କରି ସମାଜରେ ଅଶାନ୍ତି ସୃଷ୍ଟି କରାଯାଉଛି ।

ପରିସ୍ଥିତିକୁ ଦୃଷ୍ଟିରେ ରଖି ବର୍ତ୍ତମାନ ବିଶ୍ୱର ପ୍ରତ୍ୟେକ ଦେଶ ଆଗକୁ ଆସି ଏହି ପ୍ରଯୁକ୍ତିବିଦ୍ୟାର ସୁଗୁଣ ଓ ଦୁର୍ଗୁଣ ଉପରେ ବିଧିବଦ୍ଧ ଭାବେ ଆଲୋଚନା କରିବା ନିହାତି ଆବଶ୍ୟକ ହୋଇପଡ଼ିଛି । ଆଜି ବିଜ୍ଞାନର ଅଭିବୃଦ୍ଧି ନାମରେ ଏଆଇର ବ୍ୟବହାର ବିନା କୌଣସି ପ୍ରତିବନ୍ଧକ କିମ୍ବା ନୀତିନିୟମରେ ଅବାରିତ ଭାବେ ବଢ଼ିଚାଲିଛି । ଏହି କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଏଆଇର ବ୍ୟବହାର ପାଇଁ ଏକ ନିର୍ଦ୍ଦିଷ୍ଟ ସୀମା ବା ପାରାମିଟର ନିର୍ଦ୍ଧାରଣ କରାଯିବା ଉଚିତ୍, ଯାହାକୁ କୌଣସି କମ୍ପାନୀ କିମ୍ବା ଦେଶ ଉଲ୍ଲଂଘନ କରିପାରିବେ ନାହିଁ । ବର୍ତ୍ତମାନ ବିଶ୍ୱର ସମସ୍ତ ରାଷ୍ଟ୍ର ଏହାର ସୁଯୋଗ ନେଇ କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ ସ୍ମାର୍ଟ କାମ କରିବା ପାଇଁ ପରସ୍ପର ମଧ୍ୟରେ ଅନ୍ଧ ପ୍ରତିଯୋଗିତା ଚଳାଇଛନ୍ତି, ଯାହା ଅତ୍ୟନ୍ତ ଚିନ୍ତାଜନକ । ମଣିଷ ବୁଝିବା ଦରକାର ଯେ କାର୍ଯ୍ୟଦକ୍ଷତା ବଢ଼ାଇବା ଏବଂ କାମକୁ ସହଜ କରିବା ଆଳରେ ସେ ନିଜ ସୃଷ୍ଟିର ସବୁଠାରୁ ବଡ଼ ଦାସ ପାଲଟିବାକୁ ଯାଉଛି । ଯଦି ଆମେ ଏବେଠାରୁ ଏହି ପ୍ରଯୁକ୍ତିବିଦ୍ୟାର ନିୟନ୍ତ୍ରଣ ଉପରେ ଏକ ସ୍ପଷ୍ଟ ସୀମାରେଖା ନ ଟାଣିବା, ତେବେ କେବଳ କାର୍ଯ୍ୟକ୍ଷମତା ଏବଂ ପ୍ରଯୁକ୍ତିବିଦ୍ୟାର ପ୍ରଗତି ଦେଖାଇ ମଣିଷ ନିଜ ସୃଷ୍ଟି କାରଣରୁ ନିଜ ସଭ୍ୟତାକୁ ସମ୍ପୂର୍ଣ୍ଣ ରୂପେ ହରାଇ ବସିବ । ନିଜ ବୁଦ୍ଧି ଓ କଳ୍ପନା ବଳରେ ମଣିଷ ଯେଉଁ କୃତ୍ରିମ ସଭ୍ୟତା ଗଢ଼ିବାକୁ ଚେଷ୍ଟା କରୁଛି, ତାହା ଦିନେ ମାନବୀୟ ସଭ୍ୟତାର ଚିରଦିନ ପାଇଁ ବିନାଶର କାରଣ ସାଜିବ ।

ଜାକୋବ କକ୍ସନଙ୍କ ଏହି ସତର୍କ ସୂଚନା କୌଣସି କାଳ୍ପନିକ ଗପ ନୁହେଁ, ବରଂ ଏକ ଆସନ୍ନ ସଂକଟର ବାସ୍ତବ ଆଭାସ । ବିଶ୍ୱର ସମସ୍ତ ବୁଦ୍ଧିଜୀବୀ ଓ ରାଷ୍ଟ୍ରନାୟକମାନେ ଏକାଠି ବସି ଏହି ପ୍ରଯୁକ୍ତିବିଦ୍ୟାର ମାନବୀୟ ମୂଲ୍ୟବୋଧ ଉପରେ ପଡୁଥିବା ପ୍ରଭାବକୁ ଅନୁଧ୍ୟାନ କରିବା ଉଚିତ୍ । କମ୍ପାନୀଗୁଡ଼ିକର ଏହି ଅନ୍ଧ ଦୌଡ଼କୁ ସାମଗ୍ରିକ ଭାବେ ରୋକିବା ପାଇଁ ଜାତିସଂଘ ଏବଂ ବିଶ୍ୱର ବଡ଼ ବଡ଼ ଦେଶଗୁଡ଼ିକ ମିଳିତ ଭାବେ ଏଆଇ ଉପରେ କଠୋର ଆନ୍ତର୍ଜାତୀୟ ନିୟମ ପ୍ରଣୟନ କରିବା ଜରୁରୀ । ନଚେତ୍, ସ୍ୱାଧୀନତା ଏବଂ ପ୍ରଗତିର ନୂଆ ପରିଭାଷା ଲେଖୁଥିବା ବିଜ୍ଞାନର ଏହି ଅପୂର୍ବ ବରଦାନ ମାନବଜାତି ପାଇଁ ଇତିହାସର ସବୁଠାରୁ ବଡ଼ ଅଭିଶାପ ପାଲଟିଯିବ ଏବଂ ମଣିଷ ନିଜ ହାତରେ ନିଜ ବିଲୁପ୍ତିର କାହାଣୀ ଲେଖିଦେବ । ■



ଭୁବନେଶ୍ୱର
ମୋ: ୯୭୪୨୯୮୨୭୪୧



# ମଣିଷର ସୃଷ୍ଟି, ମଣିଷ ପାଇଁ ବିପଦ ନ ହେଉ!

**କୃତ୍ରିମ ବୁଦ୍ଧିମତ୍ତାର ମାୟାଜାଲରେ ହଜି ନଯାଉ ଆମ ଚିନ୍ତା, ଚେତନା, ମାନବିକତା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମଣିଷର ଜୀବନକୁ ସହଜ, ଦ୍ରୁତ ଓ ସୁବିଧାଜନକ କରିବାରେ ଏକ ବିପ୍ଲବ ଆଣିଛି । ଚିକିତ୍ସାଠାରୁ ମହାକାଶ ଗବେଷଣା, ଶିକ୍ଷାଠାରୁ କୃଷି, ଯୋଗାଯୋଗଠାରୁ ଶିଳ୍ପ, ସବୁ କ୍ଷେତ୍ରରେ ପ୍ରଯୁକ୍ତିର ଅବଦାନ ଅସ୍ୱୀକାର୍ଯ୍ୟ । ମଣିଷ ନିଜ ବୁଦ୍ଧି, କଳ୍ପନା ଓ ପରିଶ୍ରମ ବଳରେ ଏମିତି ଯନ୍ତ୍ର ନିର୍ମାଣ କରିଛି, ଯାହା କିଛି ସେକେଣ୍ଡରେ ହଜାର ହଜାର ତଥ୍ୟ ବିଶ୍ଳେଷଣ କରିପାରୁଛି । କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏହି ବୈଜ୍ଞାନିକ ଅଗ୍ରଗତିର ଏକ ଅତ୍ୟାଧୁନିକ ପର୍ଯ୍ୟାୟ । କିନ୍ତୁ ପ୍ରଶ୍ନ ହେଉଛି, ମଣିଷ ନିଜ ଜୀବନକୁ ସହଜ କରିବା ପାଇଁ ଯେଉଁ ପ୍ରଯୁକ୍ତି ଗଢ଼ିଛି, ସେହି ପ୍ରଯୁକ୍ତି କ'ଣ ଧୀରେ ଧୀରେ ମଣିଷର ଚିନ୍ତା, ଚେତନା, ସ୍ୱାଧୀନ ନିଷ୍ପତ୍ତି ଓ ମାନବିକ ମୂଲ୍ୟବୋଧ ଉପରେ ପ୍ରଭାବ ବିସ୍ତାର କରୁନାହିଁ ? ଏହି ପ୍ରଶ୍ନ କେବଳ ଭବିଷ୍ୟତର କଳ୍ପନା ନୁହେଁ; ଆଜିର ଡିଜିଟାଲ୍ ଜୀବନରେ ଏହାର କିଛି ଲକ୍ଷଣ ସ୍ପଷ୍ଟ ଦେଖାଯାଉଛି । ଏଆଇ ଆମ ପାଇଁ ଏକ ବିଶାଳ ସୁଯୋଗ, କିନ୍ତୁ ଅବିବେକୀ ବ୍ୟବହାର ଓ ଅନିୟନ୍ତ୍ରିତ ବିକାଶ ଏହାକୁ ମାନବ ସମାଜ ପାଇଁ ଗମ୍ଭୀର ଆହ୍ୱାନରେ ପରିଣତ କରିପାରେ ।**



ସୌଜନ୍ୟ କୁମାର ପରିଡ଼ା



## ମଣିଷ ପାଇଁ ଆହ୍ୱାନ

କୃତ୍ରିମ ବୁଦ୍ଧିମତା ନିଜେ ମାନବୀୟ ଚେତନା ନୁହେଁ। ଏହା ତଥ୍ୟ, ଆଲଗୋରିଦିମ୍ ଓ ଗଣନା ଆଧାରରେ କାର୍ଯ୍ୟ କରୁଥିବା ଏକ ପ୍ରଯୁକ୍ତି। ଏହାର ନିଜସ୍ୱ ମାନବୀୟ ଅନୁଭୂତି, ବିବେକ କିମ୍ବା ନୈତିକ ଦାୟିତ୍ୱ ଅଛି ବୋଲି ଧରି ନେବା ଠିକ୍ ନୁହେଁ। ତଥାପି ଏହା ମଣିଷର ଭାଷା ବୁଝିବା, ଲେଖା ତିଆରି କରିବା, ଚିତ୍ର ସୃଷ୍ଟି କରିବା, ତଥ୍ୟ ବିଶ୍ଳେଷଣ କରିବା ଓ ଜଟିଳ ସମସ୍ୟାର ସମାଧାନରେ ସହାୟତା କରିପାରୁଛି। ଏହି କ୍ଷମତା ଆମକୁ ସୁବିଧା ଦେଉଥିବା ସହିତ ଏକ ନୂଆ ନିର୍ଭରଶୀଳତା ମଧ୍ୟ ସୃଷ୍ଟି କରୁଛି। ଛାତ୍ରଛାତ୍ରୀ ନିଜେ ଚିନ୍ତା ନକରି ପ୍ରତ୍ୟେକ ଉତ୍ତର ପାଇଁ ଏଆଇ ଉପରେ ନିର୍ଭର କଲେ ତାଙ୍କର ବିଶ୍ଳେଷଣ କ୍ଷମତା ଓ ସୃଜନଶୀଳତା ପ୍ରଭାବିତ ହୋଇପାରେ। ଲେଖକ ନିଜ ଅନୁଭୂତି ଓ ଚିନ୍ତାକୁ ଅବହେଳା କରି ସବୁକିଛି ଯନ୍ତ୍ର ହାତରେ ଛାଡ଼ିଦେଲେ ଲେଖାର ମାନବୀୟ ସ୍ପର୍ଶ ହ୍ରାସ ପାଇପାରେ। ଡାକ୍ତର, ଶିକ୍ଷକ, ପ୍ରଶାସକ କିମ୍ବା ନ୍ୟାୟ ବ୍ୟବସ୍ଥାରେ ମଧ୍ୟ ଯଦି ଏଆଇର ନିଷ୍ପତ୍ତିକୁ ଅନ୍ଧ ଭାବରେ ଗ୍ରହଣ କରାଯାଏ, ତେବେ ମାନବୀୟ ବିବେକ ଓ ଦାୟିତ୍ୱ ପଛକୁ ଚାଲି ଯାଇପାରେ।

ଏଆଇର ଭବିଷ୍ୟତ ସମ୍ପର୍କରେ ବିଶ୍ୱର ବୈଜ୍ଞାନିକ, ପ୍ରଯୁକ୍ତିବିଦ୍ ଓ ନୀତି ନିର୍ଦ୍ଧାରକମାନଙ୍କ ମଧ୍ୟରେ ଗମ୍ଭୀର ଆଲୋଚନା ଚାଲିଛି। ବିଶେଷକରି ଅତ୍ୟାଧୁନିକ ଏଆଇ ବ୍ୟବସ୍ଥା ଅଧିକ ସ୍ୱୟଂଶାସିତ ହେଲେ ତାହାର ନିଷ୍ପତ୍ତି ଉପରେ ମଣିଷର ନିୟନ୍ତ୍ରଣ କିପରି ରହିବ, ସେନେଇ ଅନେକ ପ୍ରଶ୍ନ ଉଠୁଛି। ଏଆଇ ସୁରକ୍ଷା ଗବେଷଣାରେ 'ଆଲାଇନମେଣ୍ଟ' ବା ମାନବୀୟ ଲକ୍ଷ୍ୟ ସହ ସମନ୍ୱୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଅର୍ଥାତ୍, ଏଆଇକୁ ଯେଉଁ ଲକ୍ଷ୍ୟ ଦିଆଯାଏ, ସେହି ଲକ୍ଷ୍ୟ ପୂରଣ କରିବା ସମୟରେ ଏହା ମାନବୀୟ ମୂଲ୍ୟବୋଧ, ସୁରକ୍ଷା ଓ ଆଇନକୁ ଅବହେଳା ନକରୁ, ତାହା ନିଶ୍ଚିତ କରିବା। ଏହି ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ଏପର୍ଯ୍ୟନ୍ତ ମିଳିନାହିଁ।

ଭବିଷ୍ୟତରେ ଯଦି ଏଆଇ ଅତ୍ୟଧିକ ସ୍ୱୟଂଶାସିତ ହୋଇ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ବ୍ୟବସ୍ଥା ସହ ଯୋଡ଼ିଯାଏ, ତେବେ ସାଇବର୍ ଆକ୍ରମଣ, ଭୁଲ୍ ନିଷ୍ପତ୍ତି, ଭ୍ରାନ୍ତ ତଥ୍ୟ ପ୍ରସାର ଓ ଅର୍ଥନୈତିକ ଅସ୍ଥିରତାର ବିପଦ ବଢ଼ିପାରେ। ତେଣୁ ଭୟରେ ପ୍ରଯୁକ୍ତିକୁ ଅସ୍ୱୀକାର କରିବା ନୁହେଁ, ବରଂ ବୈଜ୍ଞାନିକ ସତର୍କତାର ସହିତ ଏହାର ବିକାଶ କରିବା ଆବଶ୍ୟକ।

ଏଆଇର ଦୁରୁପଯୋଗ ହେଲେ ଏହାର ପ୍ରଭାବ କେବଳ ମୋବାଇଲ୍ କିମ୍ବା କମ୍ପ୍ୟୁଟର ପରଦାରେ ସୀମିତ ରହିବ ନାହିଁ। ଏହା ଦ୍ୱାରା ତିଆରି ନକଲି ଖବର, ଭିଡିଓ ଓ ଧ୍ୱନି ଲୋକଙ୍କ ମଧ୍ୟରେ ଅବିଶ୍ୱାସ, ଘୃଣା ଓ ଉତ୍ତେଜନା ବଢ଼ାଇପାରେ। ଏହା ଗଣତନ୍ତ୍ରର ସ୍ୱଚ୍ଛତା ପାଇଁ ଏକ ବଡ଼ ଆହ୍ୱାନ। ମଣିଷର ତଥ୍ୟ, ଅଭ୍ୟାସ, ଆଗ୍ରହ ଓ ଡିଜିଟାଲ୍ କାର୍ଯ୍ୟକଳାପର ଅତ୍ୟଧିକ ସଂଗ୍ରହ ଓ ବ୍ୟବହାର ବ୍ୟକ୍ତିଗତ ସ୍ୱାଧୀନତାକୁ ପ୍ରଭାବିତ କରିପାରେ। ଡାଟାର ସୁରକ୍ଷା ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଏବେ ଏକ ମୌଳିକ ଅଧିକାରର ପ୍ରଶ୍ନ ହୋଇଉଠିଛି। ଏଆଇର ବିକାଶକୁ ସମ୍ପୂର୍ଣ୍ଣ ରୋକିଦେବା ନା ସମ୍ଭବ, ନା ଉପଯୋଗୀ। କିନ୍ତୁ ଏହାର ଦୁରୁପଯୋଗକୁ ରୋକିବା ପାଇଁ ସରକାର, ବୈଜ୍ଞାନିକ, ଶିଳ୍ପ ସଂସ୍ଥା ଓ ସାଧାରଣ ନାଗରିକଙ୍କ ମିଳିତ ପ୍ରୟାସ ଅପରିହାର୍ଯ୍ୟ।

## ଏଆଇର ଦାସ ନହେଉ ମଣିଷ

ବ୍ୟକ୍ତିଗତ ତଥ୍ୟ ସୁରକ୍ଷା, ଡିପ୍‌ଫେକ୍ ଚିହ୍ନଟ, ଅନଲାଇନ୍ ଠକେଇ ରୋକିବା, ଶିଶୁ ଓ କିଶୋରଙ୍କ ଡିଜିଟାଲ୍ ସୁରକ୍ଷା ଏବଂ ଭ୍ରାନ୍ତ ତଥ୍ୟ ପ୍ରସାର ଉପରେ ନିୟନ୍ତ୍ରଣ ପାଇଁ ଆଇନକୁ ଆହୁରି ସୁଦୃଢ଼ କରାଯିବା ଉଚିତ। ସେହିପରି, ଦେଶଗୁଡ଼ିକ ମଧ୍ୟରେ ସହଯୋଗ ଓ ଆନ୍ତର୍ଜାତୀୟ ନିୟମାବଳୀ ମଧ୍ୟ ଆବଶ୍ୟକ, କାରଣ ଡିଜିଟାଲ୍ ବିପଦର କୌଣସି ଭୌଗୋଳିକ ସୀମା ନାହିଁ। କୃତ୍ରିମ ବୁଦ୍ଧିମତା ମଣିଷର ଶତ୍ରୁ ନୁହେଁ; ଏହା ମଣିଷର ସୃଷ୍ଟି ଓ ଏକ ଶକ୍ତିଶାଳୀ ସାଧନ। ଏହା ଚିକିତ୍ସାରେ ରୋଗ ଚିହ୍ନଟରେ ସହାୟତା କରିପାରେ, କୃଷକଙ୍କୁ ପାଣିପାଗ ସୂଚନା ଦେଇପାରେ, ଛାତ୍ରଛାତ୍ରୀଙ୍କୁ ଶିକ୍ଷାରେ ସହଯୋଗ କରିପାରେ ଓ ଦିବ୍ୟାଙ୍ଗଙ୍କ ଜୀବନକୁ ସହଜ କରିପାରେ। ତେଣୁ ଏଆଇକୁ ଭୟ କରିବା ନୁହେଁ, ତାହାର ସମ୍ଭାବନାକୁ ମାନବ କଲ୍ୟାଣରେ ବ୍ୟବହାର କରିବା ଦରକାର। କିନ୍ତୁ ତାସହିତ ମନେ ରଖିବାକୁ ହେବ ଯେ, ଯନ୍ତ୍ର ତଥ୍ୟ ବିଶ୍ଳେଷଣ କରିପାରେ, ତେବେ ମାନବୀୟ ସମ୍ପର୍କର ଉଷ୍ମତା, କରୁଣା, ସହାନୁଭୂତି ଓ ନୈତିକ ଦାୟିତ୍ୱର ସ୍ଥାନ ନେଇପାରିବ ନାହିଁ। ଜଣେ ମା'ର ସ୍ନେହ, ଜଣେ ବନ୍ଧୁର ବିଶ୍ୱାସ, ଜଣେ ଶିକ୍ଷକଙ୍କ ପ୍ରେରଣା ଓ ଜଣେ ମଣିଷର ଅନ୍ୟ ମଣିଷ ପ୍ରତି ଦୟା କୌଣସି ଆଲଗୋରିଦିମ୍‌ରେ ସମ୍ପୂର୍ଣ୍ଣ ମାପିହେବ ନାହିଁ।





ଆଜି ଆମ ହାତରେ ମୋବାଇଲ୍ ଅଛି, କିନ୍ତୁ ଆମ ମନ ମୋବାଇଲ୍‌ର ଦାସ ହେବା ଉଚିତ ନୁହେଁ। ଆମେ ଏଆଇ ବ୍ୟବହାର କରିବା, କିନ୍ତୁ ନିଜ ବିବେକକୁ ତାହା ପାଖରେ ବନ୍ଧକ ରଖିବା ନୁହେଁ। ପ୍ରଯୁକ୍ତି ଆମର ଚିନ୍ତାକୁ ସମୃଦ୍ଧ କରୁ, ତାହାକୁ ନିୟନ୍ତ୍ରଣ ନକରୁ। ଏହା ଆମ ସମୟର ସବୁଠାରୁ ବଡ଼ ଦାୟିତ୍ୱ।

## ସଚେତନତା ଆବଶ୍ୟକ

ମଣିଷ ଯେଉଁ ବୁଦ୍ଧି ବଳରେ କୃତ୍ରିମ ବୁଦ୍ଧିମତାର ସୃଷ୍ଟି କରିଛି, ସେହି ବୁଦ୍ଧି ଓ ବିବେକକୁ ହରାଇବା ହିଁ ସବୁଠାରୁ ବଡ଼ ବିପଦ। ଏଆଇର ମାୟାଜାଲରେ ମାନବିକତା, ସ୍ୱାଧୀନ ଚିନ୍ତା ଓ ସାମାଜିକ ଦାୟିତ୍ୱ ହଜିଯିବା ପୂର୍ବରୁ ସମାଜ ସଚେତନ ହେବା ଦରକାର। ସରକାର କଠୋର ଓ ସମୟୋପଯୋଗୀ ନିୟମ ଆଣନ୍ତୁ, ପ୍ରଯୁକ୍ତି ସଂସ୍ଥାଗୁଡ଼ିକ ଦାୟିତ୍ୱଶୀଳ ହୁଅନ୍ତୁ ଏବଂ ପ୍ରତ୍ୟେକ ନାଗରିକ ଡିଜିଟାଲ୍ ସଚେତନତା ଅବଲମ୍ବନ କରନ୍ତୁ। କାରଣ, ମଣିଷର ସୃଷ୍ଟି ମଣିଷର ସେବା ପାଇଁ। ମଣିଷର ଚିନ୍ତା, ଚେତନା ଓ ମାନବିକ ମୂଲ୍ୟବୋଧକୁ ନିୟନ୍ତ୍ରଣ କରିବା ପାଇଁ ନୁହେଁ। ଯଦି ଆମେ ସମୟ ଥାଉଣୁ ସତର୍କ ନହେବା, ତେବେ ଆଗାମୀ ପିଢ଼ି ଏମିତି ଏକ ଡିଜିଟାଲ୍ ଦୁନିଆରେ ବଢ଼ିପାରେ, ଯେଉଁଠାରେ ତଥ୍ୟ ଅଧିକ ଥିବ, କିନ୍ତୁ ବିବେକ କମ୍; ଯୋଗାଯୋଗ ଅଧିକ ଥିବ, କିନ୍ତୁ ସମ୍ପର୍କର ଉଷ୍ମତା କମିଯିବ। ବୁଦ୍ଧିମାନ ଯନ୍ତ୍ର ଅଧିକ ଥିବ, କିନ୍ତୁ ମାନବିକତାର ଅଭାବ ଅନୁଭବ ହେବ।

ସେହି ଦିନ ଆସିବା ପୂର୍ବରୁ ଆମକୁ ନିଷ୍ପତ୍ତି ନେବାକୁ ହେବ, ଏଆଇ ଆମର ସହଯାତ୍ରୀ ହେବ, ନା ଆମର ଚିନ୍ତାର ଅଦୃଶ୍ୟ ଶାସକ? ■

ଲକ୍ଷ୍ମୀନାରାୟଣ ବଜାର, ବାରୋଛକ, କେନ୍ଦ୍ରାପଡ଼ା, ଓଡ଼ିଶା
ମୋ: ୮୨୪୯ ୯୪୩୨୪୭

# ଏଆଇର ଆଗମନ

# ସୁଯୋଗର ନୂଆ ଦ୍ୱାର, ନା ଚ୍ୟାଲେଞ୍ଜର ନୂଆ ଅଧ୍ୟାୟ?



ଡଃ. ଗାର୍ଗୀ ମିଶ୍ର





**ମାନବ ସଭ୍ୟତା ଆଜି ଏକ ଐତିହାସିକ ମୋଡ଼ ଉପରେ ଠିଆ ହୋଇଛି । ଆଜିର ବୈଷୟିକ ଯୁଗରେ ସବୁଠାରୁ ଆଲୋଚିତ ଓ ଚର୍ଚ୍ଚିତ ବିଷୟ ହେଉଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା । ଏହା କମ୍ପ୍ୟୁଟର ଓ ଯନ୍ତ୍ରର ଏହି ବିଶେଷ ସାମର୍ଥ୍ୟ; ଆଉ କେବଳ ବିଜ୍ଞାନ କଥାର ଏକ କଳ୍ପନା ନୁହେଁ, ବରଂ ଏହା ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ନିଜର ପ୍ରଭାବ ବିସ୍ତାର କରିସାରିଲାଣି । କେବେ ଯେଉଁ କାମ ପାଇଁ ଘଣ୍ଟା, ଦିନ କିମ୍ବା ସପ୍ତାହ ଲାଗୁଥିଲା, ଆଜି ସେହି କାମର ଅନେକ ଅଂଶ କେବଳ କିଛି ସେକେଣ୍ଡରେ କରିପାରୁଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ।**

## ଆଶାର ନୂତନ କିରଣ

ଏଆଇ ମାନବ ଜାତି ପାଇଁ ସୁବିଧା ଓ ପ୍ରଗତିର ଅନେକ ନୂଆ ଦ୍ୱାର ଖୋଲି ଦେଇଛି । ମଣିଷର କାର୍ଯ୍ୟଧାରାକୁ ଅନେକ କ୍ଷେତ୍ରରେ ଏଆଇ ସହଜ ଓ ସୁବିଧା କରିଦେଇଛି ।

ମୋବାଇଲ୍‌ରୁ ଆରମ୍ଭ କରି, କାର୍ଯ୍ୟକ୍ଷେତ୍ରରୁ ଶିକ୍ଷା, ହସ୍ପିଟାଲରୁ କୃଷିକ୍ଷେତ୍ର, କାରଖାନା, ଚାଷ ଜମି ପର୍ଯ୍ୟନ୍ତ; ପ୍ରତ୍ୟେକ କ୍ଷେତ୍ରରେ ଏଆଇ ଦ୍ରୁତ ପ୍ରବେଶ କରୁଛି । କେବଳ କିଛି ସେକେଣ୍ଡରେ ମଣିଷର ଭାଷା ବୁଝିବା, ତଥ୍ୟ ବିଶ୍ଳେଷଣ, ଲେଖା ଓ ଛବି ସୃଷ୍ଟିଠାରୁ ଆରମ୍ଭ କରି ଜଟିଳ କାର୍ଯ୍ୟରେ ସହାୟତା, ଏଆଇର ବଢ଼ୁଥିବା କ୍ଷମତା ଭବିଷ୍ୟତର କାର୍ଯ୍ୟପ୍ରଣାଳୀ ଓ ଜୀବନଶୈଳୀକୁ ବଦଳାଇବାର ସଙ୍କେତ ଦେଉଛି ।

- **ଚିକିତ୍ସା କ୍ଷେତ୍ରରେ ମହାକ୍ରାନ୍ତି** : ଜଟିଳ ରୋଗର ଶୀଘ୍ର ନିରୂପଣ ଏବଂ ସଠିକ୍ ଚିକିତ୍ସା ପାଇଁ ଏଆଇ ଏକ ଅମୋଘ ଅସ୍ତ୍ର ପାଲଟିଛି । ସ୍ୱାସ୍ଥ୍ୟସେବାରେ ଏହାର ବ୍ୟବହାର, ଚିକିତ୍ସା ତଥ୍ୟ ବିଶ୍ଳେଷଣ, ରୋଗ ଚିହ୍ନଟରେ ସହାୟତା, ଔଷଧ ଗବେଷଣା ଓ ରୋଗୀକେନ୍ଦ୍ରିକ ସେବାରେ ନୂଆ ସମ୍ଭାବନା ଆଣିପାରିବ । ବହୁ ପରିମାଣର ତଥ୍ୟ ଦ୍ରୁତ ଭାବେ ବିଶ୍ଳେଷଣ କରି ଡାକ୍ତରଙ୍କ ନିଷ୍ପତ୍ତିକୁ ଏହା ସହାୟତା କରିପାରିବ ।
- **ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ** : ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ଅନୁସାରେ ନିଜସ୍ୱ ପାଠପଢ଼ା ପ୍ରଣାଳୀ (Personalized Learning) ପ୍ରସ୍ତୁତ କରିବାରେ କୃତ୍ରିମ ବୁଦ୍ଧିମତ୍ତା ସଫଳ ହୋଇଛି । ଦୁର୍ଗମ ଅଞ୍ଚଳର ଛାତ୍ରଛାତ୍ରୀମାନେ ମଧ୍ୟ ଡିଜିଟାଲ୍ ମାଧ୍ୟମରେ ବିଭିନ୍ନ ଶିକ୍ଷା ସମ୍ପର୍କରେ ଜାଣିପାରୁଛନ୍ତି । ଶିକ୍ଷକମାନେ ପାଠ ପ୍ରସ୍ତୁତି, ମୂଲ୍ୟାୟନ ଓ ଛାତ୍ରଛାତ୍ରୀଙ୍କ ପ୍ରଗତି ବିଶ୍ଳେଷଣ ପାଇଁ ମଧ୍ୟ ଏହାର ସହାୟତା ନେଇପାରିବେ ।
- **ଭାଷାର ବିକାଶ** : ଓଡ଼ିଆ ଭଳି ଆଞ୍ଚଳିକ ଭାଷାରେ ଡିଜିଟାଲ୍ ସାକ୍ଷରତା, ସ୍ୱୟଂଚାଳିତ ଅନୁବାଦ ଓ କଣ୍ଠ-ସଂଯୋଜନା (Voice Recognition) ଜରିଆରେ ଭାଷାର ସୁରକ୍ଷା ଓ ପ୍ରସାର ମଧ୍ୟ ସମ୍ଭବ ହୋଇପାରୁଛି ।
- **ଚାଷୀଙ୍କ ପାଇଁ ଡିଜିଟାଲ୍ ସହଯୋଗୀ** : ପାଣିପାଗ, ମାଟିର ଗୁଣ, ଫସଲର ରୋଗ ଓ ବଜାର ସମ୍ପର୍କିତ ତଥ୍ୟ ବିଶ୍ଳେଷଣ କରି ଏଆଇ ଚାଷୀଙ୍କୁ ଚାଷ, ଜଳସେଚନ ଓ ଫସଲ ସୁରକ୍ଷା ସମ୍ପର୍କିତ ନିଷ୍ପତ୍ତିରେ ସହାୟତା କରିପାରୁଛି ।
- **ଚାକିରିରେ ପରିବର୍ତ୍ତନ** : ଏଆଇର ସବୁଠାରୁ ଗଭୀର ପ୍ରଭାବ ଚାକିରି ଉପରେ ପଡ଼ିପାରେ । ତଥ୍ୟ ପ୍ରବେଶ, ରୁଟିନ୍ ଅଫିସ୍ କାମ, ଗ୍ରାହକ ସେବା ଭଳି ଅନେକ ପୁନରାବୃତ୍ତିମୂଳକ କାର୍ଯ୍ୟ ସ୍ୱୟଂଚାଳିତ ହୋଇପାରିବ ।
- **ସମୟ ଓ ଶ୍ରମର ସଞ୍ଚୟ** : ଜଟିଳ ତଥ୍ୟ ବିଶ୍ଳେଷଣ (Data Analysis) ଏବଂ ଦୈନନ୍ଦିନ କାର୍ଯ୍ୟଗୁଡ଼ିକୁ ସ୍ୱୟଂଚାଳିତ ଭାବେ କରିବା ଦ୍ୱାରା ମାନବ ସମ୍ବଳର ସମୟ ବଞ୍ଚିପାରୁଛି, ଯାହା ଦ୍ୱାରା ଲୋକମାନେ ନୂତନ ସୃଜନଶୀଳ କାର୍ଯ୍ୟରେ ମନୋନିବେଶ କରିପାରୁଛନ୍ତି ।
- **ଷ୍ଟାର୍ଟଅପ୍ ଓ ରିସର୍ଚ୍ଚ** : ଭାରତୀୟ ଅନେକ ଷ୍ଟାର୍ଟଅପ୍ ଏଆଇ ଉପରେ ନିବେଶ କରୁଛନ୍ତି; ଏହା ନବୀନତାକୁ ଉତ୍ସାହିତ କରିବ, ସାର୍ବଜନୀନ ସେବା ସୁଲଭ ଓ ପ୍ରବେଶଯୋଗ୍ୟ କରିବ ।
- **ଡିଜିଟାଲ୍ ଇଣ୍ଡିଆ ଓ ଗ୍ରାମାଞ୍ଚଳର ବିକାଶ** : ଗ୍ରାମାଞ୍ଚଳରେ ଟେକ୍ନୋଲୋଜି ଆସିଲେ ସେଠାରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଚାଷର ଉନ୍ନତି ହୋଇପାରିବ । ଏହା ଆଞ୍ଚଳିକ ସମସ୍ୟାର ସମାଧାନ ଦିଗରେ ସହଯୋଗ କରିବ ।
- **ନୀତି ଓ ନିୟମ** : ସରକାର ଯଦି ଏଆଇ ନୀତିକୁ ମଜବୁତ କରିବାରେ ସହାୟକ ହେବେ- ଯଥା ଡାଟା ସୁରକ୍ଷା, ପାରଦର୍ଶିତା ଓ ଉତ୍ତରଦାୟିତ୍ୱ; ତେବେ ଏହା ଅଧିକ ସାର୍ବଜନୀନ ଓ ସୁରକ୍ଷିତ ଭାବରେ ବଢ଼ି ପାରିବ । ତେବେ ଏହି ପ୍ରଯୁକ୍ତି ଯେତିକି ସୁଯୋଗର ଦ୍ୱାର ଖୋଲୁଛି, ସେତିକି ନୂଆ ପ୍ରଶ୍ନ ମଧ୍ୟ ଉଠାଉଛି । ଏହା ମାନବ ସମାଜର ସହଯୋଗୀ ହେବ ନା ନୂଆ ଚ୍ୟାଲେଞ୍ଜର କାରଣ; ଏହା ଏବେ ବିଶ୍ୱ ସାମ୍ନାରେ ଥିବା ବଡ଼ ପ୍ରଶ୍ନ ?

କୃତ୍ରିମ ବୁଦ୍ଧିମତ୍ତା ନିଜେ ଭଲ କିମ୍ବା ଖରାପ ନୁହେଁ; ଏହା ଏକ ଶକ୍ତିଶାଳୀ ଅସ୍ତ୍ର, ଯେପରି ଅଗ୍ନି କିମ୍ବା ବିଦ୍ୟୁତ୍- ଏହାର ବ୍ୟବହାର ଉପରେ ନିର୍ଭର କରେ ଯେ ଏହା ମାନବତାକୁ ଉନ୍ନତ କରିବ ନା ଧ୍ୱଂସ କରିବ । ଆବଶ୍ୟକ ହେଉଛି ଦୃଢ଼ ନୀତି, ନୈତିକ ନିୟମ, ସ୍ୱଚ୍ଛତା ଓ ଜନସାଧାରଣଙ୍କ ସହଭାଗିତା । ଭବିଷ୍ୟତ କେବଳ ଟେକ୍ନୋଲୋଜି ଉପରେ ନିର୍ଭର କରେ ନାହିଁ, ଏହା ଆମର ବୁଦ୍ଧି, ସହାନୁଭୂତି ଓ ଦାୟିତ୍ୱବୋଧ ଉପରେ ନିର୍ଭର କରେ । ଯଦି ଆମେ ସତର୍କ ରହିବା ଏବଂ ମାନବତାକୁ କେନ୍ଦ୍ରରେ ରଖିବା, ତେବେ ଆଜିର ନିଷ୍ପତ୍ତି,ଏଆଇ ହିଁ ଆସନ୍ତାକାଲିର ଭାଗ୍ୟ ଲେଖିବ ।

## ଆଗାମୀ ଦିନ ପାଇଁ ବିପଦ

**ଜ୍ଞାନ ଓ ବିଜ୍ଞାନର ଏହି ଅପୂର୍ବ ଅଗ୍ରଗତି ସହିତ କିଛି ଗମ୍ଭୀର ସମସ୍ୟା ଓ ଚ୍ୟାଲେଞ୍ଜ ମଧ୍ୟ ମୁଣ୍ଡ ଟେକିଛି ।**

- **ନିଯୁକ୍ତି ସଙ୍କଟ** : ଏଆଇ ଏବଂ ଅଟୋମେସନ୍ ବୃଦ୍ଧି ପାଇବା ଦ୍ୱାରା ବିଭିନ୍ନ କ୍ଷେତ୍ରରେ (ଯେପରିକି ଆଇଟି, କାଷ୍ଟମର୍ ସେବା, ଉତ୍ପାଦନ ଶିଳ୍ପ) ଚାକିରି ହରାଇବାର ଆଶଙ୍କା ଦେଖାଦେଇଛି । ବିଶେଷ କରି ସାଧାରଣ ଶ୍ରମଜୀବୀ ଓ ଦକ୍ଷତା ବିହୀନ କର୍ମଚାରୀମାନେ ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି ।
- **ସାଇବର୍ ସୁରକ୍ଷା ଓ ଡିପଫେକ୍** : ଏଆଇ ପ୍ରଯୁକ୍ତିର ଅପବ୍ୟବହାର କରି କାହାର ବି ନକଲି ଚେହେରା, ସ୍ୱର କିମ୍ବା ଭିଡିଓ ତିଆରି କରାଯାଇପାରୁଛି । ଏହା ସାମାଜିକ ଶାନ୍ତି ବ୍ୟାହତ, ବ୍ୟକ୍ତିଗତ ଗୋପନୀୟତା ଓ ନିରାପତ୍ତା ନେଇ ବିପଦ ଦେଖାଦେଇଛି ।
- **ସୃଜନଶୀଳତା ହ୍ରାସ** : କୃତ୍ରିମ ବୁଦ୍ଧିମତ୍ତା ଉପରେ ଅତ୍ୟଧିକ ନିର୍ଭରଶୀଳତା ମଣିଷର ନିଜସ୍ୱ ଚିନ୍ତନ ଶକ୍ତି, ନିର୍ଣ୍ଣୟ ନେବାର ଦକ୍ଷତା ଓ ସୃଜନଶୀଳତାକୁ ହ୍ରାସ କରିପାରେ ।
- **ନୈତିକ ସଙ୍କଟ** : ଏଆଇ ମେସିନ୍ ପାଖରେ ସମ୍ବେଦନଶୀଳତା, ଦୟା କିମ୍ବା ନୈତିକ ବୁଝାମଣା ନଥାଏ । ତେଣୁ ଜଟିଳ ସାମାଜିକ କିମ୍ବା ଆଇନଗତ ନିଷ୍ପତ୍ତି ନେବା ସମୟରେ ଏହା ଭୁଲ୍ ବା ପକ୍ଷପାତମୂଳକ ଫଳାଫଳ ଦେବାର ବିପଦ ରହିଛି ।

**ମଣିଷର ବିବେକ, ସୃଜନଶୀଳତା, ସମ୍ବେଦନଶୀଳତା, ନୈତିକତା, ଏଆଇର ଗତି ଓ ବିଶ୍ଳେଷଣ କ୍ଷମତାର ସମନ୍ୱୟ ହେଲେ ଏହା ମାନବକଲ୍ୟାଣର ଶକ୍ତିଶାଳୀ ମାଧ୍ୟମ ହୋଇପାରେ । କିନ୍ତୁ ନିୟନ୍ତ୍ରଣ, ନୀତି ଓ ଦାୟିତ୍ୱର ଅଭାବ ରହିଲେ ସେହି ଶକ୍ତି ନୂଆ ସଙ୍କଟ ମଧ୍ୟ ସୃଷ୍ଟି କରିପାରେ ।**



ଭବିଷ୍ୟତର ଲଢ଼େଇ ମଣିଷ ବନାମ ଏଆଇର ନୁହେଁ ଏହା ହେବ ମଣିଷ ସହ ଏଆଇର ସହଯୋଗର ଲଢ଼େଇ ।

ଏଆଇକୁ ମାନବତାର ସେବାରେ ରଖାଯିବ ନା ମଣିଷ ନିଜେ ତାହାର ନିର୍ଭରଶୀଳ ହୋଇଯିବ । ପ୍ରଯୁକ୍ତି ଭବିଷ୍ୟତର ଦ୍ୱାର ଖୋଲିପାରେ, କିନ୍ତୁ ସେହି ଦ୍ୱାର ଦେଇ ମଣିଷ କେଉଁ ଦିଗକୁ ଯିବ,ତାହାର ନିଷ୍ପତ୍ତି ଶେଷ ପର୍ଯ୍ୟନ୍ତ ମଣିଷର ହାତରେ ହିଁ ରହିବ । ତେଣୁ ଆଗାମୀ ଦିନର ଉତ୍ତର ପ୍ରଯୁକ୍ତି ନୁହେଁ, ମଣିଷର ନିଷ୍ପତ୍ତି ଦେବ । ■

ଗବେଷିକା ଏବଂ ପ୍ରାଧ୍ୟାପିକା
ଡ୍ରିମ୍ସ ବିଶ୍ୱବିଦ୍ୟାଳୟ, ଟାଙ୍ଗୀ, କଟକ




# କୃତ୍ରିମ ବୁଦ୍ଧିମତ୍ତା



ଡ. ବିଜୟକେତନ ପଟ୍ଟନାୟକ

# ପରିବେଶ ପାଇଁ କେତେ ଭଲ, କେତେ ମନ୍ଦ !

**ଏକବିଂଶ ଶତାବ୍ଦୀ ହେଉଛି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଯୁଗ । ଡିଜିଟାଲ୍ ଯୁଗ । ମୋବାଇଲ, କମ୍ପ୍ୟୁଟର, ରୋବଟ୍, ଡ୍ରୋନ୍ ଓ ରକେଟ୍‌ର ଯୁଗ । ଆଜିର ଡିଜିଟାଲ୍ ଯୁଗରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ହେଉଛି ଏକ ଚମତ୍କାର ଆବିଷ୍କାର । ଧୀରେ ଧୀରେ ଏହା ମନୁଷ୍ୟର ଜୀବନଶୈଳୀର ଅବିଚ୍ଛେଦ୍ୟ ଅଙ୍ଗ ପାଲଟିବାରେ ଲାଗିଛି । କମ୍ପ୍ୟୁଟର ବା ରୋବଟ୍ ପାଖରେ ପ୍ରାକୃତିକ ମନ ନାହିଁ କି ମଗଜ ନାହିଁ, ଆବେଗ ନାହିଁ କି ଆବେଦନ ନାହିଁ, ଯାହା ଅଛି ତାହା ତାହାର ସ୍ରଷ୍ଟା, ତା'ଦେହର ରୋପଣ କରିଥିବା କିଛି ଯାନ୍ତ୍ରିକ ଶକ୍ତି । ଭୌତିକ କ୍ଷମତା ଓ କୁହୁକ କୌଶଳ । ମନୁଷ୍ୟର ବୁଦ୍ଧି ଓ ବିଚାର ଶକ୍ତିକୁ କମ୍ପ୍ୟୁଟର ପ୍ରୋଗ୍ରାମ ଜରିଆରେ ମେସିନ୍ ବା ରୋବଟ୍ ପ୍ରୟୋଗ କରାଗଲେ ତାହାକୁ କୁହାଯାଏ କୃତ୍ରିମ ବୁଦ୍ଧିମତ୍ତା । ମନୁଷ୍ୟର ସୃଜନଶୀଳତା, ସହାନୁଭୂତି, ବିଚାର ବୁଦ୍ଧି ନୈତିକତା ଏବଂ ଉଦ୍ଦେଶ୍ୟ ସହ ମେସିନର ଗତି, ବ୍ୟାପକତା, ସଠିକତା ଏବଂ ଅକ୍ଳାନ୍ତ ଦକ୍ଷତାର ସମନ୍ୱୟ ଘଟିଛି କୃତ୍ରିମ ବୁଦ୍ଧିମତ୍ତାରେ । ଏହା ହେଉଛି ମେସିନ୍‌ର ମାନବୀୟ ପ୍ରଜ୍ଞା ପ୍ରକ୍ରିୟା, ଯଥା - ଶିଖିବା, ଭାବିବା, ଯୁକ୍ତି କରିବା, ସମସ୍ୟାର ସମାଧାନ କରିବା ଉତ୍ତର ଖୋଜି ପାଇବା ଓ ନିଷ୍ପତ୍ତି ନେବାର ଅନୁକୃତ ଦକ୍ଷତା ।**



୧୯୫୨ ହେଉଛି କୃତ୍ରିମ ବୁଦ୍ଧିମତାର ଜନ୍ମ ବର୍ଷ । ପିତା ଜନ୍ ମାକାର୍ଥି କମ୍ପ୍ୟୁଟରରେ ୫ଟି ଗୁଣର ବିକାଶ କରି ତାକୁ ମଣିଷର ସମକକ୍ଷ କରିବାର ସ୍ୱପ୍ନ ଦେଖିଥିଲେ । ଏଥିପାଇଁ ସେ କମ୍ପ୍ୟୁଟରକୁ ଚେସ୍ ଖେଳାଳି, ଗଣିତଜ୍ଞ, ସଜୀବ-ନିର୍ଜୀବ ମଧ୍ୟରେ ପାର୍ଥକ୍ୟ ଜାଣିବାରେ ଦକ୍ଷ । ପରିବେଶ ସହିତ ସଂପର୍କ ସ୍ଥାପନ କରିବାକୁ ଯୋଗ୍ୟ ଏବଂ ଆବେଗର ଅନୁଧ୍ୟାନ ପୂର୍ବକ ସର୍ଜନାତ୍ମକ ପ୍ରକ୍ରିୟାରେ ପାରଙ୍ଗମ କରିବାକୁ ଚେଷ୍ଟା କରିଥିଲେ । ପରିବେଶ ଉପରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ ଉଭୟ ସକାରାତ୍ମକ ଓ ନକାରାତ୍ମକ ହୋଇପାରେ । କିନ୍ତୁ ବର୍ତ୍ତମାନର ପରିବର୍ତ୍ତନଶୀଳ ପରିବେଶ ଓ ଜଳବାୟୁ ପ୍ରତି କୃତ୍ରିମ ବୁଦ୍ଧିମତାର ପ୍ରୟୋଗ କେତେଦୂର ସକାରାତ୍ମକ ବା ସମ୍ବେଦନଶୀଳ, ତାହା ପ୍ରଥମେ ଆଲୋଚନା କରିବା ଉଚିତ ହେବ ।

ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବାରେ କୃତ୍ରିମ ବୁଦ୍ଧିମତ୍ତା ସଂପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହା ପରିବେଶ ସୁରକ୍ଷା, ଶିଳ୍ପ, ପରିବହନ କ୍ଷେତ୍ରରୁ କାର୍ବନ ନିର୍ଗମନ ହ୍ରାସ ଏବଂ ପ୍ରାକୃତିକ ସମ୍ପଦର ସହନୀୟ ବ୍ୟବହାର ପାଇଁ ସଠିକ୍ ସୂଚନା ଦେଇପାରୁଛି ।

## ଜଳବାୟୁ ପୂର୍ବାନୁମାନ



ବିଶ୍ୱର ବିଭିନ୍ନ ଦେଶରୁ ଅନେକଗୁଡ଼ିଏ ଜଳବାୟୁ ମଡେଲର ଡାଟା ବିଶ୍ଳେଷଣ କରି, କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗରେ ସାମୁଦ୍ରିକ ଝଡ଼, ବାତ୍ୟା, ବାଦଲଫଟା ବର୍ଷା, ବନ୍ୟା ଓ ମରୁଡ଼ି ଆଦିର ସଠିକ୍ ପୂର୍ବାନୁମାନ କରାଯାଇପାରୁଛି ଏବଂ ଯଥା ସମୟରେ ଜନସାଧାରଣଙ୍କୁ ଆଗୁଆ ସତର୍କ ସୂଚନା ଦିଆଯାଇପାରୁଛି । ଯାହା ଧନ ଜୀବନ ରକ୍ଷାରେ ସହାୟକ ହେଉଛି । ୧୯୯୯ ମହାବାତ୍ୟା ପରେ ଯେଉଁ କେତେକ ବାତ୍ୟା ବିପର୍ଯ୍ୟୟ ଓଡ଼ିଶାରେ ଘଟିଛି ତାର ସଠିକ୍ ପ୍ରାକ୍ ସୂଚନା ମିଳି ଯାଉଥିବାରୁ, ଅନେକ ସମୟରେ ଶୂନ୍ୟ ଜୀବନହାନି ଲକ୍ଷ୍ୟ ହାସଲ ହୋଇପାରିଛି ।



## ଶକ୍ତି ସଦୁପଯୋଗ

କୃତ୍ରିମ ବୁଦ୍ଧିମତ୍ତା ସୂର୍ଯ୍ୟକିରଣ ଓ ପବନର ଗତିକୁ ଆକଳନ କରି ଶକ୍ତି ଗ୍ରୀଡ୍‌ଗୁଡ଼ିକକୁ ଖବର ଯୋଗାଉଥିବାରୁ ନବୀକରଣୀୟ ସୌର ଶକ୍ତି ଓ ପବନ ଶକ୍ତି କେତେ ପରିମାଣରେ ଉତ୍ପନ୍ନ ହେବ ତା'ର ପୂର୍ବାନୁମାନ କରି ପାୱାର ଗ୍ରୀଡ୍‌ଗୁଡ଼ିକର ସୁପରିଚାଳନା କରାଯାଏ । ଫଳରେ ବିଦ୍ୟୁତ୍ ଯୋଗାଣ ନିୟନ୍ତ୍ରଣ କରି ଅପଚୟ ରୋକାଯାଇପାରେ ।

## କାର୍ବନ ନିର୍ଗମନ

ସାଟେଲାଇଟ୍ ଚିତ୍ର ଏବଂ ଏଆଇ ବ୍ୟବହାର କରି ଶିଳ୍ପସଂସ୍ଥା ଓ ପରିବହନରୁ କେଉଁଠି କେତେ ସବୁଜ ଗୃହ ବାଷ୍ପ ନିର୍ଗମନ ହେଉଛି, ତାହା ଜଣାପଡ଼ି ଯାଉଛି । ଫଳରେ ପ୍ରଦୂଷଣ ନିୟନ୍ତ୍ରଣ କରିବା ସହଜ ହେଉଛି ।

## ସ୍ମାର୍ଟ କୃଷି

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ଡ୍ରୋନ୍ ସାହାଯ୍ୟରେ ମାଟିର ଆର୍ଦ୍ରତା ଓ ଫସଲର ସ୍ୱାସ୍ଥ୍ୟ ବିଷୟରେ ସଠିକ୍ ଆକଳନ କରାଯାଇପାରୁଥିବା ଫଳରେ ଚାଷୀଟିଏ କେତେ କମ୍ ପାଣି, ସାର ଓ କୀଟନାଶକ ବ୍ୟବହାର କରି ଅଧିକ ଅମଳ କରିପାରିବ ତାହା ଜାଣିପାରୁଛି । ବର୍ଷାର ଆକଳନ ଓ ସମୟାନ୍ତର ଚାଷୀକୁ ସଠିକ୍ ବିହନ ବାଛିବାରେ ସାହାଯ୍ୟ କରୁଛି ।

## ଜଙ୍ଗଲ ସୁରକ୍ଷା

ଜଙ୍ଗଲ ସୁରକ୍ଷା ଓ ପରିବେଶ ତଥା ଜୀବଜନ୍ତୁଙ୍କର ସୁରକ୍ଷା ପାଇଁ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଦିନକୁ ଦିନ ଅଧିକ ହେଉଛି । ଏବେ ଏ.ଆଇ. କ୍ୟାମେରା ହେଉଛି ଜଙ୍ଗଲ ସୁରକ୍ଷାର ଜାଗ୍ରତ ପ୍ରହରୀ, କ୍ୟାମେରାରେ ଲାଗିଥିବା ସେନ୍‌ସର୍, ଶବ୍ଦକୁ ଟ୍ରାକିଂ କରି ବେଆଇନ୍ ଗଛକଟା ଓ ଅବୈଧ ଶିକାର ଉପରେ ତୁରନ୍ତ ସୂଚନା ଦେଇଥାଏ । ଏହି କ୍ୟାମେରାଗୁଡ଼ିକ ଦିନ ରାତି ୨୪ ଘଣ୍ଟା ୩୬୦ ଡିଗ୍ରୀ ଘୂର୍ଣ୍ଣନ କରି ଫଟୋ ଉଠାଇ ଚାଲିଥାଏ ।

## ବନାଗ୍ନି ପୂର୍ବାନୁମାନ

ଜଙ୍ଗଲରେ ନିଆଁ ଲାଗିବା ପୂର୍ବରୁ ଧୂଆଁ ନିର୍ଗମନକୁ ଏ.ଆଇ. କ୍ୟାମେରା ସେନ୍‌ସର ଦ୍ୱାରା ଟ୍ରାକିଂ କରି କେଉଁ ସ୍ଥାନରେ ନିଆଁ ଲାଗିଛି, ତାହା ସଠିକ୍ ଭାବେ ଜଣାଇ ଦିଏ । ଆମ ରାଜ୍ୟ ସରକାର ବନାଞ୍ଚଳରେ ନିଆଁକୁ ଠାବ କରି ଲିଭାଇବା ପାଇଁ ଏ.ଆଇ ଟେକ୍ନୋଲୋଜିକୁ ଆପଣେଇଛନ୍ତି । ବନାଗ୍ନି ବ୍ୟାପିବା ପୂର୍ବରୁ ଏହାର ପୂର୍ବାନୁମାନ ଓ ଉତ୍ପତ୍ତିସ୍ଥଳ ଜଣା ପଡ଼ିଯାଉଥିବାରୁ, ନିଆଁକୁ ସହଜରେ ଆୟତ୍ତ କରାଯାଇପାରୁଛି ।

## ବନ୍ୟପ୍ରାଣୀ ସୁରକ୍ଷା

ଟାୱାର ଉପରେ ବସାଯାଇଥିଲା ଏ.ଆଇ. କ୍ୟାମେରା ଦିନରାତି ଚବିଶ ଘଣ୍ଟା, ଚାରିପଟର ବନାଞ୍ଚଳ ଓ ବନ୍ୟପ୍ରାଣୀଙ୍କୁ ନିରୀକ୍ଷଣ ଓ ସର୍ବେକ୍ଷଣ କରି ଚାଲିଥାଏ । ଘଞ୍ଚ ଜଙ୍ଗଲ, ସ୍ୱଳ୍ପ ଆଲୋକ, କୁହୁଡ଼ି ଓ ବର୍ଷାରେ ମଧ୍ୟ ଏହା ଦକ୍ଷତାର ସହ କାମ କରେ । ବନ କର୍ମଚାରୀଙ୍କ ଦ୍ୱାରା କରାଯାଇଥିବା ପାରମ୍ପରିକ ସର୍ବେକ୍ଷଣ ତୁଳନାରେ ଏହା ଯଥେଷ୍ଟ ଉନ୍ନତ ଓ ଫଳପ୍ରସୂ । ବନାଞ୍ଚଳ ଚାରିପଟେ ରହୁଥିବା ଶିକାରୀମାନଙ୍କର ମୁହଁର ଫଟୋ କମ୍ପ୍ୟୁଟରରେ ଲୋଡ୍ କରିଥିଲେ, ଯଦି କୌଣସି ଅବାଞ୍ଛିତ, ଅପରିଚିତ ବ୍ୟକ୍ତି ଜଙ୍ଗଲରେ ଅନୁପ୍ରବେଶ କରେ ତାକୁ ଚିହ୍ନଟ କରାଯାଇପାରିବ । ଜଙ୍ଗଲର ବୃହତ୍ ଆକାରର ପ୍ରାଣୀ ହାତୀର ଗତିବିଧି ନିରୀକ୍ଷଣ କରି ଉଭୟ ହାତୀ - ମଣିଷ ସଂଘର୍ଷ ଓ ହାତୀ ମୃତ୍ୟୁ ଏଡ଼ାଇବା ପାଇଁ ଏ.ଆଇ. କ୍ୟାମେରାର ପ୍ରୟୋଗ ପ୍ରଥମେ କେରଳର ପାଲାକାଡ଼ ଓ ତାମିଲନାଡୁର କୋଏମ୍ବାଟୁରଠାରେ କରାଯାଇଥିଲା । ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ବନାଞ୍ଚଳ, ସୁନ୍ଦରଗଡ଼ ଜିଲ୍ଲାର ବଣାଇ ଓ ରାଉରକେଲା ବନଖଣ୍ଡ, ବରଗଡ଼ର ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡରେ ଏ.ଆଇ. ଆଧାରିତ ଅତ୍ୟାଧୁନିକ ମନିଟରିଂ ବ୍ୟବସ୍ଥା କରାଯାଇଛି ।



**ନକାରାତ୍ମକ ପ୍ରଭାବ ଦିଗରୁ ଆଲୋଚନା କଲେ ଦେଖାଯାଏ, କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ବ୍ୟବହାର ପରିବେଶ ପ୍ରତି ଆହ୍ୱାନ ମଧ୍ୟ ସୃଷ୍ଟି କରିଥାଏ । ସେଗୁଡ଼ିକ ହେଲା :**

## ଅଙ୍ଗାରକାମ୍ଳ ନିର୍ଗମନ

ଡାଟା ସେଣ୍ଟରଗୁଡ଼ିକକୁ ଥଣ୍ଡା ଓ କାର୍ଯ୍ୟକ୍ଷମ ରଖିବା ପାଇଁ ଯେଉଁ ଶକ୍ତି ଖର୍ଚ୍ଚ ହୁଏ, ତାହା ଜୀବାଶ୍ମ ଇନ୍ଧନରୁ ଉତ୍ପନ୍ନ ହେଉଥିବାରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ୍‌ର ମାତ୍ରା ବଢ଼ାଇଥାଏ । ଫଳରେ ବାୟୁମଣ୍ଡଳରେ କାର୍ବନ ପଦଚିହ୍ନ ବଢ଼ିଯାଏ ।




## ଅତ୍ୟଧିକ ବିଦ୍ୟୁତ୍ ବ୍ୟବହାର

ଏ.ଆଇ. ମଡେଲଗୁଡ଼ିକ ଚଳାଇବା ପାଇଁ ବିଶାଳ ଡାଟା ସେଣ୍ଟରର ଆବଶ୍ୟକତା ପଡ଼ିଥାଏ । ଏହି କେନ୍ଦ୍ରଗୁଡ଼ିକ ଦିନରାତି ଚବିଶ ଘଣ୍ଟା ପ୍ରଚୁର ପରିମାଣରେ ବିଦ୍ୟୁତଶକ୍ତି ବ୍ୟବହାର କରନ୍ତି । ଯଦି ଏ.ଆଇକୁ ଚଳାଇବା ପାଇଁ ସୌରଶକ୍ତି ଓ ପବନଶକ୍ତି ଭଳି ନବୀକରଣୀୟ ଶକ୍ତି ବ୍ୟବହାର କରାଯାଏ, ତେବେ ପରିବେଶରେ କାର୍ବନ ପାଦଚିହ୍ନ ବହୁ ପରିମାଣରେ କମାଇ ହେବ ।

## ଇ-ବର୍ଜ୍ୟ ବୃଦ୍ଧି

ଏ.ଆଇ.ର ଦ୍ରୁତ ବିକାଶ ପାଇଁ ନୂଆ ଓ ଶକ୍ତିଶାଳୀ କମ୍ପ୍ୟୁଟର, ପ୍ରୋସେସର୍‌ର ଆବଶ୍ୟକତା ରହିଛି । ଫଳରେ ପୁରୁଣା ଇଲେକ୍‌ଟ୍ରୋନିକ୍ ସାମଗ୍ରୀଗୁଡ଼ିକ ଶୀଘ୍ର ବର୍ଜ୍ୟବସ୍ତୁରେ ପରିଣତ ହେଉଛନ୍ତି । ଏହି ବର୍ଜ୍ୟବସ୍ତୁଗୁଡ଼ିକର ପରିଚାଳନା ଓ ନିଷ୍କାସନ ଏକାନ୍ତ ଜରୁରୀ ।

## ଅତ୍ୟଧିକ ଜଳବ୍ୟୟ

ବଡ଼ ବଡ଼ 'ଡାଟା' ସେଣ୍ଟରଗୁଡ଼ିକରେ ହଜାର ହଜାର ସର୍ଭର ଥିବାରୁ ଏହା ଅଧିକ ଉତ୍ତାପ ଉତ୍ପନ୍ନ କରିଥାଏ । କମ୍ପ୍ୟୁଟର 'ହାର୍ଡଡିସ୍କ'କୁ ଥଣ୍ଡା ରଖିବା ପାଇଁ ଲକ୍ଷ ଲକ୍ଷ ଗ୍ୟାଲନ୍ ମଧୁର ଜଳ ଆବଶ୍ୟକ ହୋଇଥାଏ । ସ୍ଥାନୀୟ ଜଳ ଉତ୍ସ ଉପରେ ଏହାର ପ୍ରଭାବ ଅନୁଭୂତ ହୁଏ । ସମସ୍ତ ନକରାତ୍ମକ ପ୍ରଭାବ ସତ୍ତ୍ୱେ ଏ.ଆଇ.ର ବ୍ୟବହାର ବଢ଼ିଚାଲିଛି ।

ଏକଥା ନିଃସନ୍ଦେହ ଯେ, ବୈଜ୍ଞାନିକମାନଙ୍କର ପ୍ରଜ୍ଞାଦତ୍ତ ବରଦାନରେ କୃତ୍ରିମ ମେଧା ନିଜର ଅସ୍ତିତ୍ୱ, ଅଗାଧ ପାଣ୍ଡିତ୍ୟ ଏବଂ ଅତୁଳନ କ୍ଷମତା ଲାଭ କରିଛି । ସ୍ରଷ୍ଟା ତାକୁ 'ଭସ୍ମାସୁର' କରିବ କି ନାହିଁ ସମୟ କହିବ । ■

ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଓଡ଼ିଶା
ମୋ: ୯୪୩୭୦୦୦୯୦୪



# ଏଆଇ: ଆମର ସହଯୋଗୀ, ବିକଳ୍ପ ନୁହେଁ



ପରଂବ୍ରହ୍ମ ତ୍ରିପାଠୀ

ଜଣେ କମ୍ୟୁନିକେସନ୍ ପେସାଦାର ଭାବେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ମୋ କାମର ଅପରିହାର୍ଯ୍ୟ ଅଙ୍ଗ । ଏଆଇ ସହ ମୋର ପରିଚିତି ୨୦୨୩ ମସିହାରୁ । ବ୍ୟବହାର ଆରମ୍ଭ କରିବାର କିଛି ଦିନ ପରର କଥା । ମୁଁ ଗୋଟିଏ ବିଷୟ ଦେଲି, ଅଳ୍ପ ସମୟ ମଧ୍ୟରେ ଏଆଇ ମୋ' ସାମ୍ନାରେ ଏକ ସୁନ୍ଦର ଲେଖା ପ୍ରସ୍ତୁତ କରିଦେଲା । ଭାଷା ଠିକ୍, ଯୁକ୍ତି ଠିକ୍, ବାକ୍ୟ ବିନ୍ୟାସ ବି ଠିକ୍ । ସବୁକିଛି ଥିଲା । ହେଲେ ଲେଖାଟି ପଢ଼ି ସାରିବା ପରେ କିଛିଟା ଖାଲି ଖାଲି ଲାଗିଲା । କାହିଁକି? କାରଣ ଲେଖାଟିରେ ଶବ୍ଦ ଥିଲା କିନ୍ତୁ ଅନୁଭବ ନଥିଲା । ସେଦିନ ମୋର ନିଜ ଲେଖକୀୟ ଜୀବନର କିଛି ଘଟଣା ମନେ ପଡ଼ିଗଲା । ଗୋଟିଏ ଭଲ ବାକ୍ୟ ପାଇଁ କେତେଥର କାଗଜ ଚିରିଛି, କେତେଥର ଗୋଟିଏ ଶବ୍ଦକୁ ବଦଳାଇଛି, କେତେ ରାତି ଭାବିଛି ଯେ, ଏ ଶବ୍ଦଟି ଠିକ୍ ହେବ କି ନାହିଁ ବୋଲି? କେବେ କେବେ ଲେଖାଠାରୁ ଅଧିକ ସମୟ ଲାଗିଛି ଗୋଟିଏ ଅନୁଭବକୁ ଶବ୍ଦ ଦେବାରେ ।

ଆଜି ଏଆଇ ସେହି କାମ କେଇ ସେକେଣ୍ଡରେ କରିଦେଉଛି । ଏଆଇ ହଜାର ହଜାର ପୁସ୍ତକ ପଢ଼ିପାରେ । ଲକ୍ଷ ଲକ୍ଷ ଶବ୍ଦକୁ କେଇ ସେକେଣ୍ଡରେ ବିଶ୍ଳେଷଣ କରିପାରେ । ଏକାସାଙ୍ଗରେ ଅନେକ ଭାଷାରେ କାମ କରିପାରେ । ଆମେ ଯେଉଁ କାମ ପାଇଁ ଘଣ୍ଟାଏ ଲଗାଉ, ଏହା ସେଇ କାମ କେଇ ମୁହୂର୍ତ୍ତରେ କରିଦେଉଛି । ବୋଧେ ସେଥିପାଇଁ ଭୟ ଲାଗିବା ସ୍ୱାଭାବିକ । କୃତ୍ରିମ ବୁଦ୍ଧିମତ୍ତା ଆସିବା ପରେ ଅନେକ ପେସାଦାର ଭାବୁଛନ୍ତି ଯେ ଆମ ଚାକିରିର କ'ଣ ହେବ? ଲେଖକଙ୍କର କ'ଣ ହେବ? ଡିଜାଇନର, ଅନୁବାଦକ, ଶିକ୍ଷକ, ସାମ୍ବାଦିକଙ୍କ କ'ଣ ହେବ? ଏହି ପ୍ରଶ୍ନଗୁଡ଼ିକକୁ ଏଡ଼ାଇ ହେବ ନାହିଁ । କାରଣ ଏଆଇ ଏବେ ଭବିଷ୍ୟତର କଥା ନୁହେଁ । ଏହା ଆମ ବର୍ତ୍ତମାନରେ ପହଞ୍ଚି ସାରିଛି । କିନ୍ତୁ ମୋ ମତରେ ଏଆଇର ସବୁଠାରୁ ବଡ଼ ବିପଦ ଚାକିରି ହରାଇବା ନୁହେଁ । ବିପଦ ସେତେବେଳେ ଆସିବ ଯେତେବେଳେ ସବୁ ସୃଜନଶୀଳତା ପାଇଁ ତା' ଉପରେ ନିର୍ଭର କରିବା ଆରମ୍ଭ କରିବା ଆଉ ନିଜେ ଭାବିବା ବନ୍ଦ କରିଦେବା । କାହାକୁ ମେସେଜଟିଏ ପଠାଇବା ପାଇଁ ଏଆଇ, ଜନ୍ମଦିନର ଶୁଭେଚ୍ଛା ପାଇଁ ଏଆଇ, ପ୍ରେମପତ୍ର ପାଇଁ ଏଆଇ, ଭାଷଣ ପାଇଁ ଏଆଇ, ମତାମତ ପାଇଁ ଏଆଇ- ସବୁକିଛି ଯଦି ମେସିନ୍ ଲେଖିଦିଏ, ତେବେ ଧୀରେ ଧୀରେ ଆମ ନିଜ ଭିତରର ଭାଷାଟା କେଉଁଠି ହଜିଯିବ ନାହିଁ ତ? ନୂଆ ପିଢ଼ି (ଜେନ୍-ଜି ଓ ଜେନ୍-ଆଲ୍‌ଫା) ଯଦି ନିଜ ସୃଜନଶୀଳତା ଓ କୌଶଳ ବିକାଶର ଆଦ୍ୟ ପାହାଚରେ ଏଆଇ ସର୍ବସ୍ୱ ହୋଇଯାଆନ୍ତି ତାହାଲେ ଭବିଷ୍ୟତରେ ସେମାନଙ୍କ କୌଶଳ ଓ ସୃଜନଶୀଳତାର ରୂପରେଖ କ'ଣ ହେବ? ମେସିନରେ ଗୋଟିଏ ଛାଞ୍ଚରେ ଗୋଟିଏ ପ୍ରକାରର ବିସ୍କୁଟ ତିଆରି ହେଲା ପରି ଭବିଷ୍ୟତ ପିଢ଼ିର ବଡ଼ ବର୍ଗର ଚିନ୍ତା କରିବାର ଶୈଳୀ ଓ ଦକ୍ଷତା ଗୋଟିଏ ପ୍ରକାରର ଓ ଯାନ୍ତ୍ରିକ ହୋଇ ଯିବନି ତ ?

ସବୁ କାମ ପାଇଁ କୃତ୍ରିମ ବୁଦ୍ଧିମତ୍ତା ଉପରେ ନିର୍ଭରଶୀଳ ହେଲେ ଆମେ ହୁଏତ ଟିକେ ଅଧିକ ଚଞ୍ଚଳ ହୋଇଯିବା, କିନ୍ତୁ ଅଧିକ ମାନବୀୟ କିମ୍ବା ସୃଜନଶୀଳ ହୋଇପାରିବା କି? ମୋର ସଂଶୟ ସେଇଠି । କିନ୍ତୁ ବ୍ୟକ୍ତିଗତ ଭାବେ ମୁଁ ଏଆଇକୁ ଭୟ କରିବାକୁ ଚାହେଁନି । କାରଣ ପ୍ରତ୍ୟେକ ନୂଆ ପ୍ରଯୁକ୍ତି ମଣିଷକୁ ଗୋଟିଏ ନୂଆ ପରୀକ୍ଷାର ଅବସର ଦେଇଥାଏ । ଛାପାଖାନା ଆସିଥିଲା, ଟେଲିଭିଜନ ଆସିଥିଲା, ଇଣ୍ଟରନେଟ୍ ଆସିଥିଲା । ମଣିଷ ପ୍ରଯୁକ୍ତି ସହ ବଦଳିଛି, କିନ୍ତୁ ଏବେ ବି ମଣିଷ ହୋଇ ରହିଛି । ଏଆଇ ମଧ୍ୟ ଆମକୁ ବଦଳାଇବ । ହୁଏତ ଆମ କାମର ପ୍ରକାର ବଦଳିବ, ଚିନ୍ତା କରିବାର ଶୈଳୀ ବଦଳିବ । କିନ୍ତୁ ଗୋଟିଏ କଥାର ନିଷ୍ପତ୍ତି ଆମକୁ ନିଜେ ନେବାକୁ ହେବ । ସେଇଟି ହେଲା ମେସିନ୍ ଆମ ପାଇଁ ଭାବିବ, ନା ଆମ ସହ ଭାବିବ? ଏଆଇ ଆମର ହାତ ହୋଇପାରେ, କିନ୍ତୁ ଯେଉଁଦିନ ଏହା ଆମର ମୁଣ୍ଡ ହୋଇଗଲା ସେଦିନ ବିପଦ । ଏହା ଆମର ସହଯୋଗୀ, ଆମର ବିକଳ୍ପ ନୁହେଁ ।

ମଣିଷ ଇତିହାସରେ ଯେବେ ଯେବେ କୌଣସି ନୂଆ ପ୍ରଯୁକ୍ତି ଆସିଛି, ମଣିଷ ସମାଜ ତା'ର ସଠିକ୍ ଉପଯୋଗ ଅପେକ୍ଷା ଦୁରୁପଯୋଗ ଅଧିକ କରିଛି । ଏଆଇ ମଧ୍ୟ ଏହି ନିୟମର ଊର୍ଦ୍ଧ୍ୱରେ ନୁହେଁ । କୃତ୍ରିମ ବୁଦ୍ଧିମତ୍ତା ଉପରେ ମାତ୍ରାଧିକ ନିର୍ଭରଶୀଳତା କେବଳ ଆମ ସୃଜନଶୀଳତାକୁ ପ୍ରଭାବିତ କରିବ ନାହିଁ, ଆମକୁ ଏପରି ଏକ ଇକୋଚ୍ୟାମ୍ବରର ଅଂଶବିଶେଷ କରିଦେବ ଯେଉଁଠି ଆମ ଭାବନା ଓ ମସ୍ତିଷ୍କ ସହ ପ୍ରଚାରତନ୍ତ୍ର ଅଧିକ ସହଜ ଓ କୁଶଳତାର ସହ ଖେଳି ପାରିବ ।

ସେଥିପାଇଁ, ଏଆଇ ମଣିଷ ପାଇଁ ବିପଦ ହେବ କି ନାହିଁ, ସେ ନିଷ୍ପତ୍ତି ଏଆଇ ନେବା କଥା ନୁହେଁ । ନିଷ୍ପତ୍ତି ନେବା ଆମେ । କାରଣ ମେସିନ୍ କେତେ ବୁଦ୍ଧିମାନ ହେଲା ସେଇଟି ଯେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ତାଠାରୁ ବଡ଼ ପ୍ରଶ୍ନ ହେଉଛି ମଣିଷ କେତେଦିନ ନିଜ ମନକୁ ମଣିଷ ଓ ସୃଜନଶୀଳ ରଖିପାରିବ । ■

ନାଉଗାଁ ହାଟ, ଜଗତସିଂହପୁର



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର

## ପୋଲ ଖୋଲି ଦେଲେ ବିଭୂତି!



ଖଣି ଆଇନ ସଂଶୋଧନକୁ ନେଇ ଓଡ଼ିଶାରେ ତୁମ୍ବିତୋଫାନ । ରାଜସ୍ୱ, ଖଣିଜ ସମ୍ପଦ, ରାଜ୍ୟର ଅଧିକାରକୁ ନେଇ ଚର୍ଚ୍ଚା ଜୋର୍ । ଏହି ସଂଶୋଧିତ ନିୟମ ଯୋଗୁଁ ରାଜ୍ୟ ଅନ୍ୟୂନ ଲକ୍ଷେ କୋଟିର ବକେୟା ସହ ବାର୍ଷିକ ଦଶ ହଜାର କୋଟି କ୍ଷତି ସହିବ ବୋଲି ଆକଳନ ହୋଇଛି । ଏମିତି ସମୟରେ ରାଜ୍ୟ ଖଣି ବିଭାଗର ମୁଖିଆ ମନ୍ତ୍ରୀ ବିଭୂତି ଜେନା ବିଧାନସଭାରେ ଦେଇଥିବା ସୂଚନା ସରକାର ଓ ପଦ୍ମ ଦଳିଆ ନେତାଙ୍କ ମୁଖା ଖୋଲି ଦେଇଛି । ସୁପ୍ରିମକୋର୍ଟରେ ରାଜ୍ୟର ଆଡଭୋକେଟ୍ ଜେନେରାଲ କ'ଣ ଯୁକ୍ତି ରଖିଥିଲେ, ସେ ସମ୍ପର୍କରେ ମନ୍ତ୍ରୀ, ତାଙ୍କ ବିଭାଗ ଓ ସରକାରଙ୍କୁ ଜଣାନାହିଁ ବୋଲି ବିଭୂତି ଯାହା କହିଛନ୍ତି ତାହା ଏକ ସାଂଘାତିକ ଦିଗକୁ ଇଙ୍ଗିତ କରିଛି ।ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଯିଏ ରାଜ୍ୟର ଆଇନଗତ ପକ୍ଷ ରଖୁଛନ୍ତି, ସେ କ'ଣ କହିଲେ ତାହା ସରକାର ଜାଣିବେ ନାହିଁ କିପରି? ରାଜ୍ୟ ସରକାରଙ୍କ ନିଯୁକ୍ତ ଆଡ଼ଭୋକେଟ୍ ଜେନେରାଲ ତା ହେଲେ କାହା ପାଇଁ କାମ କରୁଛନ୍ତି? ଆଉ ଖଣି ଆଇନ ସଂଶୋଧନର ଲାଭକ୍ଷତି ହିସାବ ସରକାର କରି ନାହାନ୍ତି ବୋଲି ମନ୍ତ୍ରୀଙ୍କ କଥାଟି ଯଦି ସତ୍ୟ ହୋଇଥାଏ, ତେବେ ତ ଆହୁରି ଭୟଙ୍କର । ପଦ୍ମ ଦଳିଆ ସାଂସଦମାନେ ରାଜ୍ୟର କ୍ଷତି ହେବ ନାହିଁ ବୋଲି ଉଲ୍ଲେଖ କରି ଜାରି କରିଥିବା ଭିଡ଼ିଓ ଓ ଖବରକାଗଜ ସ୍ତମ୍ଭରେ ରଖୁଥିବା ଯୁକ୍ତି ତା ହେଲେ ମିଛ ଉପରେ ଆଧାରିତ ବୋଲି ମନ୍ତ୍ରୀ ସିଧାସଳଖ ପ୍ରମାଣ କରିଦେଲେ । ଖଣି ଆଇନର ସଂଶୋଧନ ଓ ରାଜ୍ୟର କ୍ଷତି ଆକଳନ କରିବାରେ ଖଣି ବିଭାଗ, ବିଭାଗୀୟ ଅଧିକାରୀ ଓ ମନ୍ତ୍ରୀ ଅସମର୍ଥ ହୋଇପାରନ୍ତି; ତେବେ କେଉଁଥିପାଇଁ ଓ କାହା ଲାଭ ପାଇଁ ତାଙ୍କ ଦଳର ନେତାମାନେ ମିଛ କହୁଛନ୍ତି ? ■

## ଉଚ୍ଚଶିକ୍ଷା ବିଭାଗର ଆଡ଼ବାୟା ନୀତି



ଜାତୀୟ ଶିକ୍ଷାନୀତି ଆଧାରରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଯୋଜନା କରିଛି । ବିଭାଗ ପକ୍ଷରୁ ପାଞ୍ଚଟି ଟିମ୍‌କୁ ପାଞ୍ଚଟି ରାଜ୍ୟକୁ ପଠାଇ ଶିକ୍ଷା ବ୍ୟବସ୍ଥା ଅଧ୍ୟୟନ କରିବା ବ୍ୟବସ୍ଥା ହୋଇଛି । ମାତ୍ର ବିଡ଼ମ୍ବନା ହେଉଛି ଯେଉଁ ୫ଟି ରାଜ୍ୟର ଶିକ୍ଷାନୀତି ଅନୁଧ୍ୟାନ କରିବାକୁ ରାଜ୍ୟର ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ଗସ୍ତ କରିବେ ସେହି ରାଜ୍ୟଗୁଡ଼ିକ ମଧ୍ୟରୁ ଅଣ ବିଜେପି ସରକାର ଚାଲିଥିବା ତାମିଲନାଡୁ, କେରଳ ଓ ପଞ୍ଜାବରେ କେନ୍ଦ୍ର ବିଜେପି ସରକାର ଦ୍ୱାରା ପ୍ରଚଳିତ ଜାତୀୟ ଶିକ୍ଷାନୀତି ପ୍ରଚଳନ ହୋଇନାହିଁ । ତେଣୁ ଏହି ରାଜ୍ୟକୁ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ପ୍ରତିନିଧିମଣ୍ଡଳୀ ପଠାଇଲେ କାହିଁକି ? ପୁଣି ଯେଉଁ ଟିମ୍‌ଗୁଡ଼ିକୁ ଅନ୍ୟରାଜ୍ୟଗୁଡ଼ିକୁ ପଠାଯାଇଛି, ସେହି ଟିମ୍‌ରେ ସାମିଲ ହୋଇଥିବା କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ ଓ ଅଧିକାରୀମାନଙ୍କୁ କେଉଁ ଆଧାରରେ ପଠାଗଲା, ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯେଉଁମାନଙ୍କ ନିଯୁକ୍ତି ବିବାଦରେ ରହିଛି ଓ ନିଯୁକ୍ତି ପାଇଁ ଆବଶ୍ୟକ ଯୋଗ୍ୟତା ଯେଉଁମାନଙ୍କର ନାହିଁ; ସେପରି ଅବାଞ୍ଛିତ ବ୍ୟକ୍ତିମାନଙ୍କୁ ଅନ୍ୟରାଜ୍ୟର ଶିକ୍ଷା ମଡ଼େଲ ଅନୁଧ୍ୟାନ ପଠାଇବା ପଛରେ ରହିଥିବା ଉଦ୍ଦେଶ୍ୟଟି କ'ଣ, ତାହା କେହି ବୁଝି ପାରୁନାହାନ୍ତି । ଉଚ୍ଚଶିକ୍ଷା ବିଭାଗର ମୁଖିଆ ତଥା ବିଷ୍ଣୁ ତନୟ ସୂର୍ଯ୍ୟବଂଶୀ ଏ କଥା ଜାଣିଛନ୍ତି ନା ତାଙ୍କ ଅଜ୍ଞାତସାରରେ ଏପରି ନିଷ୍ପତ୍ତି ନିଆଯାଇଛି; ତାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ । ଏପଟେ ବିଇଡ଼ି କଲେଜରେ ଅନିୟମିତତାକୁ ନେଇ ବିଭାଗ ଅଡୁଆରେ, ସେପଟେ କଲେଜରେ ଛାତ୍ରସଂସଦ ନିର୍ବାଚନକୁ ନେଇ ସରକାର ଅକଳରେ; ଏହି ସମୟରେ ଏପରି ବିବାଦାସ୍ପଦ ନିଷ୍ପତ୍ତି ନେବାକୁ ମନ୍ତ୍ରୀଙ୍କୁ ପରାମର୍ଶ ଦେଲା କିଏ ? ■

## ହାତ ନେତାଙ୍କ ଚୈତନ୍ୟୋଦୟ



ପ୍ରାୟ ତିନି ଦଶନ୍ଧି ଧରି ଓଡ଼ିଶାରେ ହାତ ପାର୍ଟି କ୍ଷମତାରେ ନାହିଁ, ତଥାପି ରାଜ୍ୟରେ ଦଳର କିଛି ଭୋଟ ବ୍ୟାଙ୍କ ଏବେ ବି ରହିଛି । ଦଳ କ୍ଷମତାରେ ନ ଥିଲେ ହେଁ ପ୍ରତି ଗାଁରେ ହାତ ପାର୍ଟିର କିଛି ବ୍ରାଣ୍ଡେଡ୍ ସମର୍ଥକ ଅଛନ୍ତି । ହାତ କାଟିଦେଲେ କଂଗ୍ରେସ ରକ୍ତ ଥପଥପ ହୋଇ ଦେହରୁ ଝରିପଡ଼ିବ ବୋଲି ଏହି ସମର୍ଥକମାନେ ଦାବି କରନ୍ତି । ବାସ୍ତବରେ ଏଇମାନେ ହିଁ ହେଉଛନ୍ତ ସଚ୍ଚା କଂଗ୍ରେସୀ । ତେଣୁ ମାଷ୍ଟରକ୍ୟାଣ୍ଡିନ ହାତ ମଠ ମହନ୍ତ ପଦରେ ଅଭିଷିକ୍ତ ହେବା ପରେ ଭକ୍ତବାବୁ ସେଇ ସଚ୍ଚା କଂଗ୍ରେସୀଙ୍କୁ ଏକାଠି କରିବାକୁ କୁଆଡ଼େ ଲାଗି ପଡ଼ିଛନ୍ତି । ଦଳୀୟ ନେତା ଓ କର୍ମୀଙ୍କୁ ଏକାଠି ହୋଇ କାମ କରିବା, ଗୋଷ୍ଠୀବାଦ ଏଡ଼ାଇବା ଓ ସଂଗଠନକୁ ମଜବୁତ କରିବାର ଆହ୍ୱାନ ଦେଇଛନ୍ତି । ଅର୍ଥାତ୍ ଏବେ ନେତାମାନେ ଏକାଠି ବସିବେ, ଏକାଠି ହସିବେ, ଏକାଠି ଫଟୋ ଉଠାଇବେ । କିନ୍ତୁ ରାଜନୀତିରେ ଏକାଠି ହେବାର ଫଟୋ ଓ ଏକାଠି ଲଢ଼ିବାର ରାଜନୈତିକ ଇଚ୍ଛା ଦୁଇଟି ଅଲଗା ଜିନିଷ । ଗୋଷ୍ଠୀବାଦ ଛାଡ଼ିବାର ଘୋଷଣା ସହଜ; ମାତ୍ର ଟିକେଟ୍ ବାଣ୍ଟିବା ସମୟରେ ନିରପେକ୍ଷତା ବଜାୟ ରଖିବାଟା ଆଦୌ ସହଜ ନୁହେଁ । ଯେ ପର୍ଯ୍ୟନ୍ତ ହାତ ପାର୍ଟିର ନେତାମାନେ ଏହି ସାଧାରଣ କଥାଟିକୁ ବୁଝି ପାରିବେ ନାହିଁ, ସେ ପର୍ଯ୍ୟନ୍ତ ତୃଣମୂଳସ୍ତରରେ ଦଳ ଉଧେଇ ପାରିବ ନାହିଁ । ଆଉ ତୃଣମୂଳସ୍ତରରେ ଦଳ ନ ଉଧେଇଲେ, କ୍ଷମତା ତ ଦୂରର କଥା; ତିନି ନମ୍ବରରୁ ଦୁଇ ନମ୍ବରକୁ ଉଠିବା ବି କଷ୍ଟକର ବ୍ୟାପାର । ହାତ ପାର୍ଟି ନେତାମାନଙ୍କର ଯଦି ସତରେ ଚୈତନ୍ୟୋଦୟ ହୋଇଥାଏ, ତେବେ ତାହା ଦଳ ପାଇଁ ଶୁଭଙ୍କର । ■

## ଶବକୁ ବି ଡର !



ଆମ ଓଡ଼ିଆରେ କଥାଟିଏ ଅଛି- 'ବାପ ପୁଅ ରାତି ଅନିଦ୍ରା, ମୁଗୁରା ପଛ ମେଲା' । ରାଜ୍ୟ ପୁଲିସରେ କୁଆଡ଼େ ଏବେ ସେହିପରି ସ୍ଥିତି । ସରକାର, ମନ୍ତ୍ରୀ, ଶାସକ ଦଳର ସାଂସଦ, ବିଧାୟକଙ୍କ ସେବାକୁ ତ୍ରୁଟିଶୂନ୍ୟ କରିବାକୁ ପୁଲିସ ଦିନରାତି ଏକାକାର କରି ଦେଇଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତିରେ ସାଂଘାତିକ ଅଧୋଗତି ଘଟିଛି । ଅପରାଧ ପରିସଂଖ୍ୟାନ ସଂକ୍ରାନ୍ତ ଜାତୀୟ ରିପୋର୍ଟରେ ଅନେକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଛି ଓଡ଼ିଶା । ବିଶେଷ ଭାବରେ ମହିଳା ବିରୋଧୀ ହିଂସା ଓ ନିର୍ଯାତନା କ୍ଷେତ୍ରରେ ଓଡ଼ିଶା ଦେଶର ଶୀର୍ଷ କୁଖ୍ୟାତ ରାଜ୍ୟସୂଚୀରେ ସ୍ଥାନ ପାଇଛି । ଗୋପାଳପୁର ଗଣଦୁଷ୍କର୍ମ ଘଟଣା ପରେ ଓଡ଼ିଶାର ପର୍ଯ୍ୟଟନ ସ୍ଥାନଗୁଡ଼ିକରେ ସରକାର ପୁଲିସ ପହରା ବ୍ୟବସ୍ଥା କରିବାକୁ ଘୋଷଣା କରିଥିଲେ । ଯା ପରେ ଯେତେ ସବୁ କୁତ୍ସିତ ଘଟଣା ଘଟିଛି, ସେଥିରୁ ଅଧିକାଂଶ ପର୍ଯ୍ୟଟନସ୍ଥାନଗୁଡ଼ିକରେ ହିଁ ଘଟିଛି । ନିକଟରେ ଢେଙ୍କାନାଳ ଜିଲ୍ଲାର କପିଳାସରେ ବିହାର ଜାମୁଇ ପରି ଏକ ବର୍ବର ଘଟଣାର ପୁନରାବୃତ୍ତି ହୋଇଛି । ଦୁଇଜଣ ଯୁବକଯୁବତୀଙ୍କୁ ସ୍ଥାନୀୟ ଅଞ୍ଚଳର କିଛି ଦୁର୍ବୃତ୍ତ ଅକଥନୀୟ ଶବ୍ଦରେ ଗାଳିଗୁଲଜ କରିବା ସହ ନିର୍ଯାତନା ଦେଇଛନ୍ତି । ଦିନକ ତଳେ ପୁରୀରେ ବି ଅନୁରୂପ ଏକ ଘଟଣା ଘଟିଛି । ମାତ୍ର ସରକାରୀ ଦଳ ନେତାମାନଙ୍କ ସେବାରେ ପୁଲିସ ଏତେ ମଗ୍ନ ଯେ ଆଇନଶୃଙ୍ଖଳା ରକ୍ଷା ପାଇଁ ସମୟ ପାଉନାହିଁ । ରାଜ୍ୟରେ ଅପରାଧ, ମହିଳା ସୁରକ୍ଷା ଓ ପୁଲିସର କାର୍ଯ୍ୟପ୍ରଣାଳୀକୁ ନେଇ ନିୟମିତ ପ୍ରଶ୍ନ ଉଠୁଛି, ହେଲେ ନେତାଙ୍କ ସୁରକ୍ଷା ପାଇଁ ପୁଲିସ ଏତେ ତତ୍ପର ଯେ ଶବବାହୀ ଗାଡ଼ିକୁ ବି ବାଟ ଛାଡୁନାହିଁ । ଧନ୍ୟ ଓଡ଼ିଶା ପୁଲିସ ! ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।

# କୃତ୍ରିମ ବୁଦ୍ଧିମତ୍ତା ଓ ସୃଜନଶୀଳତା







ଡକ୍ଟର ପ୍ରମୋଦ କୁମାର ପଣ୍ଡା

କୃତ୍ରିମ ବୁଦ୍ଧିମତ୍ତା ଏକବିଂଶ ଶତାବ୍ଦୀର ସର୍ବୋତ୍ତମ ଆବିଷ୍କାର । ମନୁଷ୍ୟ ଜୀବନର ପ୍ରତିଟି କ୍ଷେତ୍ରରେ ଏହାର କାର୍ଯ୍ୟକୁଶଳତା ପରିଦୃଶ୍ୟ । ଏହା ଏବେ କେବଳ ତଥ୍ୟ ବିଶ୍ଳେଷଣରେ ସୀମିତ ନୁହେଁ, ବରଂ ଶିକ୍ଷାଠାରୁ ପ୍ରତିରକ୍ଷା ପର୍ଯ୍ୟନ୍ତ ସବୁଠି ପରିବ୍ୟାପ୍ତ । ଏପରିକି ମଣିଷର ସ୍ୱତନ୍ତ୍ର ତଥା ସର୍ବଶ୍ରେଷ୍ଠ କ୍ଷେତ୍ର ସୃଜନଶୀଳତା ମଧ୍ୟରେ ମଧ୍ୟ ପ୍ରବେଶ କଲାଣି । ଏହା ନିମିଷକ ମଧ୍ୟରେ ସୁନ୍ଦର କବିତା ଲେଖିପାରୁଛି । ଚିତ୍ତାକର୍ଷକ ଚିତ୍ର ଆଙ୍କି । ମନଛୁଆଁ ସଙ୍ଗୀତ ପ୍ରସ୍ତୁତ କରିପାରୁଛି । ଫ୍ୟାଶନ ଡିଜାଇନ୍, ଗେମ୍ ଡିଜାଇନ୍, ପୋଷାକ ଡିଜାଇନ୍, ଭିଡିଓ, ଚଳଚ୍ଚିତ୍ର, ବିଜ୍ଞାପନ, ମାର୍କେଟିଂ, ସ୍ଥାପତ୍ୟ, ଗୃହସଜ୍ଜା, ସଫ୍ଟୱେର୍ ଓ କୋଡିଂ ଭଳି ବିଭିନ୍ନ କାର୍ଯ୍ୟ କରିପାରୁଛି । ଯେଉଁଠି ନୂଆ କିଛି ସୃଷ୍ଟି କରିବାକୁ ମଣିଷକୁ ମାସ ମାସ ବର୍ଷ ବର୍ଷର ଅଧ୍ୟବସାୟ ଆବଶ୍ୟକ, କୃତ୍ରିମ ବୁଦ୍ଧିମତ୍ତା ତାକୁ ମାତ୍ର କେଇ ସେକେଣ୍ଡରେ ବାସ୍ତବ ରୂପ ଦେଇପାରୁଛି । ଏହାର ସର୍ଜନା ଏତେ ସଠିକ୍ ଓ ନିଖୁଣ ଯେ ଅରିଜିନାଲ ଏବଂ ଡୁପ୍ଲିକେଟ୍ ବିଶେଷଜ୍ଞଙ୍କ ମନରେ ମଧ୍ୟ ଭ୍ରମ ସୃଷ୍ଟି କରୁଛି । ଅନ୍ତର ବାରି ହେଉନି । ଏଭଳି କୌଣସି କାମ ନାହିଁ, ଯାହା କୃତ୍ରିମ ବୁଦ୍ଧିମତ୍ତା କରିବାକୁ ଅସମର୍ଥ । ଏପରି ସ୍ଥିତିରେ ଏହା ମଣିଷର ସର୍ବଶ୍ରେଷ୍ଠ ସୃଜନଶୀଳତାକୁ ବାଧିତ କରିପାରେ ବୋଲି ଆଶଙ୍କା ଉପୁଜିବା ନେଇ ପ୍ରଶ୍ନ ଉଠୁଛି । ମନୁଷ୍ୟ କୃତ୍ରିମ ବୁଦ୍ଧିମତ୍ତାର ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ହେବାର ସନ୍ଦେହ ସୃଷ୍ଟି ହେଉଛି । ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଷ୍ଟିଫେନ୍ ହକିଙ୍ଗ କୁହନ୍ତି, "ସମ୍ପୂର୍ଣ୍ଣ କୃତ୍ରିମ ବୁଦ୍ଧିମତ୍ତାର ବିକାଶ ମାନବ ଜାତିର ଶେଷ ସମୟ ଆଣିପାରେ ।" ଟେଲ୍‌ସା ଓ ସ୍ପେସ -ଏକ୍ସର ପ୍ରତିଷ୍ଠାତା ଏଲନ୍ ମସ୍କଙ୍କ ମତରେ 'କୃତ୍ରିମ ବୁଦ୍ଧିମତ୍ତା ମାନବ ସମାଜ ପାଇଁ ସବୁଠାରୁ ଅସ୍ତିତ୍ୱଗତ ବିପଦ ।" କୃତ୍ରିମ ବୁଦ୍ଧିମତ୍ତାର ଗଡ୍‌ଫାଦର ଭାବେ ପରିଚିତ ଜେଫ୍ରି ହିଣ୍ଟନ କହନ୍ତି, "ଏହା ମଣିଷକୁ ପୃଥିବୀରୁ ଶେଷ କରିଦେବ, ଏହା ଆମଠାରୁ ବେଶୀ ଭାବେ, ସୁପର୍ ଇଣ୍ଟେଲିଜେଣ୍ଟ ହୋଇଗଲେ ଏହା ସବୁ ଶେଷ କରିଦେବ ।"







ମାନବ ମସ୍ତିଷ୍କର ଅନନ୍ୟ ଶକ୍ତି ସୃଜନଶୀଳତା ନବୀନ, କଳ୍ପନା, ଧାରଣା ଓ ଭାବନାଦି ବଳରେ ନୂଆ, ମୌଳିକ ଏବଂ ମୂଲ୍ୟବାନ ଜିନିଷ ପ୍ରସ୍ତୁତ କରିଥାଏ, ଯେଉଁଥିରେ ସ୍ରଷ୍ଟାର ନିଜସ୍ୱ ଅନ୍ତର୍ନିହିତ ଅନୁଭୂତି, ଦୁଃଖ, ସୁଖ, ପ୍ରେମ, ବିରହ, ସାମାଜିକ ଦୃଷ୍ଟିକୋଣ ଇତ୍ୟାଦି ପ୍ରତିଫଳିତ ହୋଇଥାଏ । ସୁତରାଂ ପ୍ରାଣବନ୍ତ ଲାଗେ । ତାହା ସାହିତ୍ୟ ସର୍ଜନା ହେଉ କିମ୍ବା ଚିତ୍ରକଳା ଅବା ହେଉ ବୈଜ୍ଞାନିକ ଉଦ୍ଭାବନ । ବାସ୍ତବରେ ଚେତନାର ସର୍ବୋଚ୍ଚ ସକାରାତ୍ମକ ଅଭିବ୍ୟକ୍ତି ହିଁ ସୃଜନଶୀଳତା, ଯାହା କୃତ୍ରିମ ବୁଦ୍ଧିମତ୍ତା ପାଖେ ନାହିଁ । କୃତ୍ରିମ ବୁଦ୍ଧିମତ୍ତା ମନରୁ କିଛି କରିନଥାଏ । ପୂର୍ବରୁ ଦିଆଯାଇଥିବା କୋଟି କୋଟି ମାନବ ନିର୍ମିତ ଲେଖା, ଚିତ୍ର, ସଙ୍ଗୀତ ଆଦି ବିଶ୍ଳେଷଣ କରେ ଓ ନୂଆ ଶୈଳୀ ପ୍ରସ୍ତୁତ କରିଥାଏ । ମଣିଷ ଭଳି ଏହାର ନା ସ୍ପର୍ଶ ଥାଏ ନା ସ୍ପନ୍ଦନ । କୃତ୍ରିମ ବୁଦ୍ଧିମତ୍ତା ଯେତେ ବିକଶିତ ଏବଂ ଶକ୍ତିଶାଳୀ ହେଲେ ସୁଦ୍ଧା ଏହା ମାନବ ସୃଜନଶୀଳତାକୁ ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ କରିପାରିବ ନାହିଁ । ଏହା ହେଉଛି ଏକ ନିର୍ଜୀବ ପ୍ରୋଗ୍ରାମ । ତା'ପାଖେ ହୃଦୟ, ଆତ୍ମା କିମ୍ବା ଭାବନା ନାହିଁ । ତା'ର ପ୍ରେମର ଆନନ୍ଦ କିମ୍ବା ବିରହର ଦୁଃଖ ଅନୁଭବ କରିବାର ଶକ୍ତି ନାହିଁ । ମଣିଷର ପ୍ରତିଟି ସୃଜନ ପଛରେ ତା'ର ବ୍ୟକ୍ତିଗତ ଜୀବନର ଅନୁଭୂତି ଥାଏ । କବିବର ରାଧାନାଥ ରାୟ କିମ୍ବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କାବ୍ୟର ମାନବୀୟ ସମବେଦନା କୌଣସି ମେଶିନ୍ ସୃଷ୍ଟି କରିନପାରେ । କୃତ୍ରିମ ବୁଦ୍ଧିମତ୍ତା ଶବ୍ଦ ଯୋଡ଼ିପାରେ, କିନ୍ତୁ ସେଥିରେ ପ୍ରାଣ ଭରିପାରିବ ନାହିଁ । ଶୂନ୍ୟରୁ ସୃଷ୍ଟି କରିବାକୁ ସେ ସଂପୂର୍ଣ୍ଣ ଅକ୍ଷମ । ଇଣ୍ଟରନେଟ୍‌ରେ ପୂର୍ବରୁ ଉପଲବ୍ଧ ଥିବା ଲକ୍ଷ ଲକ୍ଷ ସୃଜନଶୀଳ ବ୍ୟକ୍ତିଙ୍କ କାର୍ଯ୍ୟକୁ ବିଶ୍ଳେଷଣ ଏବଂ ପୁନଃମିଶ୍ରଣ କରି ଏଆଇ ତାକୁ ଏକ ରୂପ ଦେଇଥାଏ । ତା'ର ସୃଜନ ହେଉଛି ନକଲର ଏକ ସୁନେଲି ଛବି । ପରୋକ୍ଷରେ, ମଣିଷ ସମ୍ପୂର୍ଣ୍ଣ ନୂଆ ଏବଂ ମୌଳିକ ଚିନ୍ତାଧାରାର ଜନ୍ମଦାତା, ସୃଷ୍ଟିକର୍ତ୍ତା । ଏହା ପୂର୍ବରୁ ନଥାଏ । ସୃଷ୍ଟି କଲାବେଳେ ମଣିଷ ଭଲମନ୍ଦ ବିଚାର କରେ । ନିଜ ଭୁଲ୍‌ରୁ ଶିଖେ । କୃତିକୁ ପରିମାର୍ଜିତ କରେ । କିନ୍ତୁ ଏଆଇ ସେ କ'ଣ କେଉଁ ଉଦ୍ଦେଶ୍ୟରେ ତିଆରି କରୁଛି ଜାଣିପାରେନାହିଁ । ତା'ପାଖେ ନୈତିକତା, ସୌନ୍ଦର୍ଯ୍ୟବୋଧ କିମ୍ବା ଆତ୍ମ- ସନ୍ତୋଷର କୌଣସି ଚେତନା ନଥାଏ । ସେ ମଣିଷ ନୁହେଁ । ମଣିଷ ଭଳି ତା'ର ଜୈବିକ ମସ୍ତିଷ୍କ ନଥାଏ । ତା'ର ନିଜର ଚେତନା, ଭାବନା, ସ୍ୱାଧୀନ ଚିନ୍ତାଶକ୍ତି ନଥାଏ । ଥାଏ କେବଳ ଏକ ବିଶାଳ ତଥ୍ୟ ଭଣ୍ଡାର ଓ ପ୍ରଚଣ୍ଡ ସ୍ମୃତିଶକ୍ତି । ଏଥିରୁ ସୃଜନଶୀଳତା ଜନ୍ମ ନିଏ ନାହିଁ । ସେ ମଣିଷର ଶତ୍ରୁ ବା ପ୍ରତିଦ୍ୱନ୍ଦ୍ୱୀ ନୁହେଁ । ସହଯୋଗୀ ସାଧନ ଭାବେ ବ୍ୟବହାର କଲେ ଏହା ସୃଜନଶୀଳ ବ୍ୟକ୍ତିର ପ୍ରାରମ୍ଭିକ କାର୍ଯ୍ୟ ସହଜ କରିଦିଏ । ଅନୁସନ୍ଧାନ କରିବା, ନୂଆ ଆଇଡିଆ ଖୋଜିବା ଏବଂ ସମୟ ବଞ୍ଚାଇବାରେ ସାହାଯ୍ୟ କରେ । ମଣିଷର କଳ୍ପନା ଶକ୍ତି ଓ ଏଆଇର କାର୍ଯ୍ୟଦକ୍ଷତା ବଳରେ ଏକ ଅଭୂତପୂର୍ବ ସୃଜନଶୀଳ ଯୁଗ ସୃଷ୍ଟି କରାଯାଇପାରିବ । ଏଆଇ ମଣିଷକୁ ସ୍ଥାନାନ୍ତରିତ କରିବ ନାହିଁ, ବରଂ ଯିଏ ଏଆଇର ସଠିକ୍ ପ୍ରୟୋଗ ଜାଣେ, ସେ ଅନ୍ୟମାନଙ୍କଠାରୁ ଆଗେଇ ଯିବ । କିନ୍ତୁ ମଣିଷ ଯଦି ସବୁବେଳେ ସବୁ କାମ ପାଇଁ ଏଆଇ ଉପରେ ନିର୍ଭରଶୀଳ ହେବ ତେବେ ତା'ର ନିଜସ୍ୱ ଭାବନା ଏବଂ କଳ୍ପନା ଶକ୍ତି ଧୀରେଧୀରେ ଦୁର୍ବଳ ହେବାର ଆଶଙ୍କା ରହିଛି । ତଥାପି ଏହା ମାନବ ସୃଜନଶୀଳତାର ମୂଳ ଉତ୍ସକୁ କେବେବି ନଷ୍ଟ କରିପାରିବ ନାହିଁ ବିଜ୍ଞାନ ଆମକୁ ମେଶିନ୍ ଦେଇପାରେ, ହୃଦୟ ଦେଇପାରିବ ନାହିଁ । ବୁଦ୍ଧିମତ୍ତା ଏଆଇ ପାଖରେ ଥାଇପାରେ, କିନ୍ତୁ ବିବେକ ଓ ଚେତନା କେବଳ ମଣିଷ ପାଖେ ରହିଛି । ଏଆଇ ମାନବ ମସ୍ତିଷ୍କ ପ୍ରସୂତ ଏକ ଶିଶୁ । ସୃଷ୍ଟି କେବେ ବି ସ୍ରଷ୍ଟାର ବିକଳ୍ପ ହୋଇପାରିବ ନାହିଁ ।




ସୃଜନଶୀଳ ବ୍ୟକ୍ତିଙ୍କ ଜୀବନ ଓ ଜୀବିକା କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ଗଭୀର ଭାବେ ପ୍ରଭାବିତ । ଏଥିରେ ଯେତିକି ଆହ୍ୱାନ ଅଛି, ସେତିକି ସୁଯୋଗ ମଧ୍ୟ ରହିଛି । କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଯୋଗୁଁ ଚାକିରି ଓ କାମ କମିବ । ସାଧାରଣ କାମ ଯଥା - ଗ୍ରାଫିକ୍ସ ଡିଜାଇନ୍, ଛୋଟ ବଡ଼ ବିଜ୍ଞାପନ ଲେଖକ ବା ଅନୁବାଦକଙ୍କ ଜୀବିକା ବିପଦରେ ପଡ଼ିବ କିମ୍ବା ପାରିଶ୍ରମିକ କମିବ । ଆୟ ହ୍ରାସ ପାଇବ । କପି ରାଇଟ୍ ଉଲଂଘନ ହେବ । ଚୌର୍ଯ୍ୟ ବୃତ୍ତି ବଢ଼ିବ । ଅତ୍ୟଧିକ ନିର୍ଭରଶୀଳତା ସୃଜନଶୀଳତାକୁ ବାଧିତ କରିବ । ଆଳସ୍ୟତା ବଢ଼ିବ ।

ଅନ୍ୟପକ୍ଷରେ ଉତ୍ପାଦନ କ୍ଷମତା ବୃଦ୍ଧି ହେବ । ପ୍ରମ୍ପ୍ଟ ଇଞ୍ଜିନିଅର ଏବଂ କଣ୍ଟେଣ୍ଟ ଏଡିଟର ଭଳି ନୂଆ ପଦବିରେ ନିଯୁକ୍ତିର ସୁଯୋଗ ଆସିବ । ସ୍ୱତନ୍ତ୍ର କଳାର ମୂଲ୍ୟ ବୃଦ୍ଧି ଘଟିବ । ଏଆଇକୁ ସାଧନ ରୂପେ ବ୍ୟବହାର କଲେ ଜୀବିକା ସୁରକ୍ଷିତ ରହିବ । ଯେଉଁ ବ୍ୟକ୍ତିଙ୍କ ଭଲ ଆଇଡ଼ିଆ ଅଛି କିନ୍ତୁ ବୈଷୟିକ ଜ୍ଞାନ ନାହିଁ,ତାଙ୍କୁ କୃତ୍ରିମ ବୁଦ୍ଧିମତ୍ତାରୁ ସହଯୋଗ ମିଳିବ । ସେମାନେ ନିଜ ଭାବନା ପ୍ରକାଶ କରିପାରିବେ । ଏଆଇ ବ୍ୟବହାର ଶିଖିଗଲେ କାମ କରିବା ବେଗ ବଢ଼ିଯିବ । କମ ସମୟରେ ଅଧିକ ଏବଂ ଭଲ ପ୍ରକଳ୍ପ କରିହେବ । ରୋଜଗାର ବଢ଼ିବ । ବଜାରରେ ଲେଖା, ଚିତ୍ର ଇତ୍ୟାଦି ଭରିଗଲେ ସୁଦ୍ଧା ମଣିଷ ହାତର ପ୍ରକୃତ କଳା, ମୌଳିକ ଚିନ୍ତାଧାରା ଓ ହୃଦୟସ୍ପର୍ଶୀ ଅନୁଭୂତିର ଚାହିଦା ଓ ମୂଲ୍ୟ ଆହୁରି ବଢ଼ିବ । ଏଆଇ ବ୍ୟବହାର ଜାଣିଥିବା ବ୍ୟକ୍ତି ଏଆଇ ଜାଣିନଥିବା ବ୍ୟକ୍ତିଠାରୁ ତା'ର ଜୀବିକା ଛଡ଼ାଇ ନେବ । ସୁତରାଂ ସୃଜନଶୀଳ ବ୍ୟକ୍ତିଙ୍କୁ ନିଜର ମୌଳିକତା ବଜାୟ ରଖିବା ସହ ଏଆଇ ଭଳି ସମୟ ଉପଯୋଗୀ ନୂଆ ସହଯୋଗୀ ସାଧନ ବ୍ୟବହାର କରିବାକୁ ହେବ । ■



ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ: ୭୯୭୮୨୮୩୧୯୦

## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମବାରରେ କିଛିଟା ଉତ୍ତେଜନା ଭିତରେ କାର୍ଯ୍ୟ ତୁଲାଇବେ । ମଙ୍ଗଳବାର ଦୂରଯାତ୍ରା କରିପାରନ୍ତି । ବୁଧ, ଗୁରୁବାରରେ ବିଭିନ୍ନ କ୍ଷେତ୍ରରେ ଅର୍ଥପ୍ରାପ୍ତି ଯୋଗ ରହିଛି । ଶୁକ୍ର,ଶନିବାରରେ ଉଚ୍ଚ ସମ୍ମାନର ଅଧିକାରୀ ହୋଇପାରନ୍ତି । ପଡ଼ୋଶୀଙ୍କ ସହ ସମ୍ପର୍କରେ ନିବିଡ଼ତା ବଢ଼ିବ ।

**ବୃଷ**
ରବି, ସୋମବାରରେ ଦୀର୍ଘଦିନର ଉଦ୍ଦେଶ୍ୟ ପୂର୍ଣ୍ଣ ହେବ । ମଙ୍ଗଳବାରରେ ଉତ୍ସବରେ ଯୋଗଦେଇ ପାରନ୍ତି । ବୁଧ,ଗୁରୁବାରରେ କର୍ମକ୍ଷେତ୍ରରେ ପଦୋନ୍ନତି ମିଳିପାରେ । ଶୁକ୍ର, ଶନିବାରରେ ପାରିବାରିକ ଜୀବନରୁ ସମସ୍ୟା ଦୂରେଇ ଯିବ । ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ମନୋନିବେଶ କରିବେ ।

**ମିଥୁନ**
ରବି, ସୋମବାରରେ କିଛି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ମଙ୍ଗଳବାରରେ ଅତ୍ୟଧିକ ଚିନ୍ତା କରି କଷ୍ଟ ପାଇପାରନ୍ତି । ବୁଧ,ଗୁରୁବାରରେ ଆଶାନୁସାରେ ଅଧିକ ଲାଭ ପାଇବେ । ଶୁକ୍ର, ଶନିବାରରେ କାର୍ଯ୍ୟକୁ ଧ୍ୟାନର ସହ କରନ୍ତୁ । ଜୀବନରେ ଭିନ୍ନ ମୋଡ଼ ଦେଖାଦେବ ।

**କର୍କଟ**
ରବି,ସୋମବାରରେ କୌଣସି ଖବର ପାଇ ଆନନ୍ଦିତ ହୋଇପାରନ୍ତି । ମଙ୍ଗଳବାରରେ ଛାତ୍ରଛାତ୍ରୀମାନେ ଅଧ୍ୟୟନରେ ଭଲ ଫଳାଫଳ ପାଇବେ । ବୁଧ, ଗୁରୁବାରରେ ବିବାହିତଙ୍କ ଜୀବନରେ ସୁଖ ଦେଖାଦେବ । ଶୁକ୍ର, ଶନିବାରରେ ଜୀବନରେ ନୂତନ ପରିବର୍ତ୍ତନ ଦେଖାଦେଇ ପାରେ ।

**ସିଂହ**
ରବି, ସୋମବାରରେ ମାନସିକ ଚାପରେ ରହିପାରନ୍ତି । ମଙ୍ଗଳବାରରେ ଜୀବନସାଥୀଙ୍କ ସହ ଦୂରସ୍ଥାନକୁ ଯାତ୍ରା । ବୁଧ,ଗୁରୁବାରରେ ଚାକିରିଆମାନେ କଠିନ ପରିଶ୍ରମର ଫଳ ପାଇବେ । ଶୁକ୍ର, ଶନିବାରରେ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ଦେଖା ଦେଇପାରେ ।

**କନ୍ୟା**
ରବି, ସୋମବାରରେ ଅର୍ଥଚିନ୍ତା ଲାଗିରହିବ । ମଙ୍ଗଳବାରରେ କର୍ମକ୍ଷେତ୍ରରେ ଶତ୍ରୁବୃଦ୍ଧି ହୋଇପାରନ୍ତି । ବୁଧ, ଗୁରୁବାରରେ କାର୍ଯ୍ୟସଫଳ, ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଶୁକ୍ର,ଶନିବାର ଦୀର୍ଘ ଦିନର ସ୍ୱପ୍ନ ସାକାର ହେବା ସହ ସୁଖୀ ଜୀବନ କଟାଇବେ ।

**ତୁଳା**
ରବି, ସୋମବାରରେ ବିଭିନ୍ନ କ୍ଷେତ୍ରରେ ପ୍ରଶଂସିତ ହେବେ । ମଙ୍ଗଳବାରରେ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ପାଇବାକୁ ଲାଗିବ । ବୁଧ,ଗୁରୁବାରରେ କର୍ମକ୍ଷେତ୍ରରେ ଆପଣଙ୍କ ମତାମତ ରଖିବାର ମଉକା ପାଇବେ । ଶୁକ୍ର, ଶନିବାରରେ ଅଯଥା ଝାମେଲାରୁ ନିଜକୁ ଦୂରେଇ ରଖନ୍ତୁ ।

**ବିଛା**
ରବି, ସୋମବାରରେ ସଫଳତା ପାଇଁ ଆନନ୍ଦିତ ହେବେ । ମଙ୍ଗଳବାରରେ ମୂଲ୍ୟବାନ ବସ୍ତୁ କ୍ରୟ କରି ପାରନ୍ତି । ବୁଧ,ଗୁରୁବାରରେ କ୍ରୋଧ ଉପରେ ନିୟନ୍ତ୍ରଣ ରକ୍ଷା କରନ୍ତୁ । ଶୁକ୍ର, ଶନିବାରରେ ବିଗତ କଥାକୁ ଚିନ୍ତାକରି କଷ୍ଟ ପାଇପାରନ୍ତି ।

**ଧନୁ**
ରବି, ସୋମବାରରେ କାର୍ଯ୍ୟସିଦ୍ଧି,ସୁଖ ସମ୍ମାନ ପ୍ରାପ୍ତି ହେବ । ମଙ୍ଗଳବାରରେ ସନ୍ତାନମାନଙ୍କ ପାଇଁ ଚିନ୍ତିତ ରହିବେ । ବୁଧ, ଗୁରୁବାରରେ ଆୟ ବୃଦ୍ଧି ପାଇବ । ଭବିଷ୍ୟତ ପାଇଁ ଯୋଜନା କରିବେ । ଶୁକ୍ର, ଶନିବାରରେ ପରିବାର ମଧ୍ୟରେ ତିକ୍ତତା ଦେଖାଦେଇପାରେ । ବ୍ୟବସାୟ ମାନ୍ଦା ରହିବେ ।

**ମକର**
ରବି,ସୋମବାରରେ ଶାରୀରିକ ସମସ୍ୟା ଆପଣଙ୍କୁ ବ୍ୟଥିତ କରିପାରେ । ମଙ୍ଗଳବାରରେ ଉଚ୍ଚ ପଦବି ପାଇବାକୁ ସକ୍ଷମ ହେବ । ବୁଧ,ଗୁରୁବାରରେ ବ୍ୟବସାୟୀଙ୍କ ପାଇଁ ସମୟ ଭଲ ଅଟେ । ଶୁକ୍ର, ଶନିବାରରେ ପରିବାରର ସମର୍ଥନ ପାଇବେ, ଯାହା ଜୀବନରେ ସୁଖଶାନ୍ତି ବୃଦ୍ଧି କରିବ ।

**କୁମ୍ଭ**
ରବି,ସୋମବାରରେ ଅଯଥା ଖର୍ଚ୍ଚ କରି ମାନସିକ ଅଶାନ୍ତି ପାଇପାରନ୍ତି । ମଙ୍ଗଳବାରରେ ଅକସ୍ମାତ୍ ବନ୍ଧୁ ଆଗମନ ହୋଇପାରେ । ବୁଧ,ଗୁରୁବାରରେ କୌଣସି କଥାକୁ ନେଇ ପରିବାରରେ ଆଲୋଚନା ଲାଗି ରହିବ । ଶୁକ୍ର, ଶନିବାରରେ ପରିଶ୍ରମ କରି ସଫଳ ହେବେ ।

**ମୀନ**
ରବି, ସୋମବାରରେ ଭୂସମ୍ପତ୍ତି କ୍ରୟ କରିବାର ଯୋଗ ରହିଛି । ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ମଙ୍ଗଳବାରରେ ଦାମ୍ପତ୍ୟ ଜୀବନ ସୁଖମୟ ରହିବ । ବୁଧ,ଗୁରୁବାରରେ ଛାତ୍ରଛାତ୍ରୀମାନେ କ୍ୟାରିୟରକୁ ନେଇ ଚିନ୍ତିତ ରହିବେ । ଶୁକ୍ର, ଶନିବାରରେ ସହକର୍ମୀଙ୍କ ସହଯୋଗ ପାଇ ଆଗକୁ ବଢ଼ିବେ । ■